# ନ୍ୟାୟ ପାଇଁ ଦିବାରାତ୍ର ଅନଶନରେ ଛାତ୍ରୀଛାତ୍ର

■ ୩୬ଘଣ୍ଟା ପରେ ବି ଶୁଣୁନି ପ୍ରଶାସନ
■ ଆଲୋଚନା ବେଳେ ମିଳିଲା ପୁରୁଣା ପ୍ରତିଶ୍ରୁତି

ବାଲେଶ୍ୱର ଅଫିସ,୨୭।୧୧

ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ରାଜ୍ୟର ଫକୀରମୋହନ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭଳି ୪ଗୋଟି ବିଶ୍ୱବିଦ୍ୟାଳୟର ବିଏଡ୍-ଏମ୍ଏଡ୍ ଛାତ୍ରୀଛାତ୍ରମାନେ ଶିକ୍ଷକ ପ୍ରବେଶିକା ପରୀକ୍ଷା (ଓଟିଇଟି, ସିଟିଇଟି, ଓଏସ୍ଏସ୍ଟିଇଟି) ଦେଇପାରୁ ନ ଥିବାରୁ ଏହାର ପ୍ରତିବାଦରେ ବିରୋଧ , ଆନ୍ଦୋଳନ ଜାରି ରଖିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନ୍ୟାୟ ପାଇଁ ମଙ୍ଗଳବାରଠାରୁ ଜିଲାପାଳ ଅଫିସ୍ ପରିସରରେ ଦିବାରାତ୍ର ଅନଶନରେ ବସିଛନ୍ତି। ବୁଧବାର ରାତି ୮ଟା ସୁଦ୍ଧା ୩୬ ଘଣ୍ଟା ବିତିଥିଲେ ବି ପ୍ରଶାସନର ଅଧିକାରୀମାନେ ସେମାନଙ୍କ ଦାବିକୁ ପୂରଣ କରିବାରେ ବିଫଳ ହୋଇଛନ୍ତି।



ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଏଡ୍-ଏମ୍ଏଡ୍ ଛାତ୍ରୀଛାତ୍ରଙ୍କ ଅନଶନ।

ଏସବୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଇଣ୍ଟିଗ୍ରେଟେଡ୍ ବିଏଡ୍ ଓ ଏମ୍ଏଡ୍ ପାଶ୍ କରିଥିବା ପ୍ରାର୍ଥୀଙ୍କୁ କେବଳ ମହାବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ସରକାର ନିୟମ କରି ହାଇସ୍କୁଲରେ ଶିକ୍ଷକତା କରିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏପରିସ୍ଥଳେ ସେମାନଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ନ ମିଳିବାର ସେମାନେ ହତାଶ ହୋଇ ପ୍ରତିବାଦ କରି ଆସୁଛନ୍ତି। ପୂର୍ବରୁ ସେମାନେ ବହୁବାର ରାଜ୍ୟ ଓ କେନ୍ଦ୍ରର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କୁ ଭଣ୍ଡାଇ ଦିଆଯାଉଥିବା ବିଏଡ୍-ଏମ୍ଏଡ୍‌ରେ ପାଶ୍ କରିଥିବା ଛାତ୍ର ନିଲେଶ କୁମାର ସ୍ୱାଇଁ, ଦ୍ୱିତୀୟବର୍ଷର ଛାତ୍ର ଲକ୍ଷ୍ମୀନାରାୟଣ ନାୟକ, ରଶ୍ମିରଞ୍ଜନ ଜେନା, ଇରମ୍ ସ୍ୱାଇଁ, ଛାତ୍ରୀ ସୁପ୍ରଭା ପଣ୍ଡା, ସରିତା ସାହୁ, ତୃତୀୟବର୍ଷର ଛାତ୍ରୀ ଶ୍ରାବଣୀ ବେହେରା, ଉତ୍ସର୍ଗ ଜେନା, ପ୍ରିୟବ୍ରତ ସେନାପତି ପ୍ରମୁଖ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲାପାଳ ସସ୍ମିତ ନାୟକଙ୍କ ସମେତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କେନ୍ଦ୍ରାଞ୍ଚଳ ଆର୍‌ଡ଼ିସି ଇଂ. ଅନୀଲ କୁମାର ସାମଲଙ୍କ ସହ ବୁଧବାର ଏକ ଛାତ୍ର ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ ପୂର୍ବ ପ୍ରତିଶ୍ରୁତିକୁ ଦୋହରା ଯାଇଥିବାରୁ ସେମାନେ ଆନ୍ଦୋଳନ ଜାରି ରଖିଥିବା କହିଛନ୍ତି।

## ଶାରଦ ଧାନ ଅମଳ ହ୍ରାସ, ଚିନ୍ତାରେ ଚାଷୀ

**ବାଲିଆପାଳ, ୨୭।୧୧ (ଡି.ଏନ.ଏ.):** ଚଳିତବର୍ଷ ବାତ୍ୟା ପ୍ରଭାବିତ ଶାରଦ ଧାନ ଚାଷରୁ ଅମଳ ଆଶାତୀତ ଭାବେ ହ୍ରାସ ପାଇଛି । ଫଳରେ ବହୁ ଚାଷୀ ଓ ଭାଗଚାଷୀ ଚିନ୍ତିତ ହୋଇପଡିଛନ୍ତି। ବାଲିଆପାଳ ଅଞ୍ଚଳରେ ବାତ୍ୟା ପ୍ରଭାବରେ ବିଭିନ୍ନ ସ୍ଥାନରେ ଧାନଗଛ ବିଲରେ ପଡିଯାଇଥିଲା। ସୁବର୍ଣ୍ଣରେଖା ବନ୍ୟା ପାଣି ଏଥିରେ ଅଧିକ କ୍ଷତି ପହଞ୍ଚାଇଥିଲା। ବାଲିଆପାଳ ବ୍ଲକର ଗୁନାପୁର, ଆଠବାଟିଆ, କୁଦମାନସିଂ, ବିଷ୍ଣୁପୁର, ରସଲପୁର, ନୟାବାଲି, କୁହ୍ଲାଚଡ, ତାଳପଦା, ଜାମକୁଣ୍ଡା, ଉତ୍ତରପଡା, ପାଳଚମ୍ପେଇ, ଚଡବଡାପାଳ ଆଦି ଗ୍ରାମରେ ବହୁ ଚାଷୀଜମିରେ ଧାନକେଣ୍ଡା ଅଗାଡି ହୋଇଯାଇଛି। ଏବେ ପାଚିଲା ଧାନ ଅମଳ ଚାଲିଥିବା ବେଳେ ନଷ୍ଟ ହୋଇଥିବା ଧାନ ଦେଖି ଚାଷୀମାନେ ଭାରାକ୍ରାନ୍ତ ହୋଇପଡିଛନ୍ତି। ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଏବାବଦରେ କ୍ଷତିପୂରଣ ଦେବାକୁ ଭୀମପ୍ରସାଦ ନାୟକ, ହିମାଂଶୁ ଜେନା, ସନ୍ନ୍ୟାସୀ ଜେନା, ଜଟି ଜେନା, ଭୁବନ ପ୍ରମାଣିକ, ଜଗନ୍ନାଥ ବାରିକ ଓ ଦୀନବନ୍ଧୁ ବାରିକ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ମେଡିକାଲ କର୍ମଚାରୀଙ୍କୁ ଆକ୍ରମଣ ନେଇ ଉଦ୍‌ବେଗ

**ବାଲେଶ୍ୱର ଅଫିସ,୨୭।୧୧:** ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜର ଟ୍ରମା ସେଣ୍ଟର ପରିସରରେ ଥିବା ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ଣରେ ମେଡ଼ିକାଲ କଲେଜ କର୍ମଚାରୀ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଡା. ସରୋଜ କୁମାର ରାଜ ଏଥିରେ ସଭାପତିତ୍ୱ କରିଥିଲେ। ମେଡ଼ିକାଲ ପରିସରରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ରୋଗୀ ଏବଂ ସମ୍ପର୍କୀୟ ବାରମ୍ବାର ଦୁର୍ବ୍ୟବହାର ପ୍ରଦର୍ଶନ ସହ ଆକ୍ରମଣ କରିବା ଘଟଣା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଅଳ୍ପ ସଂଖ୍ୟକ କର୍ମଚାରୀ କାର୍ଯ୍ୟ ତୁଲାଉଥିବା ବେଳେ ଏଭଳି ଆକ୍ରମଣ ଘଟଣାକୁ ମିଳିତ ନିନ୍ଦା କରାଯାଇ ସାମୂହିକ ଭାବରେ ଏଭଳି ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଡା. ପ୍ରିୟରଞ୍ଜନ ବାରିକ, ଡା. ଆର୍.କେ. ବରାଳ, ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା. ଦଶରଥ ନାଗ, ବରିଷ୍ଠ ଫାର୍ମାସିଷ୍ଟ ମୋହିନି କୁମାର ପାଲ, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କର୍ମଚାରୀଙ୍କ ସମସ୍ୟାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ୨ ଦଫା ଦାବି ନେଇ ଗଣଧାରଣା

**ସଜନାଗଡ଼,୨୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ସିପିଆଇ(ଏମ୍) ପକ୍ଷରୁ ୨ ଦଫା ଦାବି ନେଇ ବୁଧବାର ଉପଜିଲାପାଳଙ୍କ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। 'ବୁଲ୍‌ବୁଲ୍' ବାତ୍ୟାରେ ନୀଳଗିରି ଉପଖଣ୍ଡରେ ବହୁ ଚାଷଜମି କ୍ଷୟକ୍ଷତି ଘଟିଥିଲେ ମଧ୍ୟ ଏ ଯାଏ ଚାଷୀଙ୍କୁ କୌଣସି ସହାୟତା ମିଳି ନାହିଁ। ଏ ବାବଦରେ ତୁରନ୍ତ କ୍ଷତିପୂରଣ ଦେବା ଏବଂ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖାଲିଥିବା ଡାକ୍ତର ପଦବୀ ପୂରଣ କରିବା ଦାବିରେ ଏହି ଗଣଧାରଣା ଦିଆଯାଇଥିଲା। ସମସ୍ତ ବିଭାଗରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ଠପ୍ ହୋଇପଡ଼ିଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବିଜୟ କୁମାର ପାତ୍ର, ଶ୍ରୀଧର ମହାନ୍ତି, ଦେବନାରାୟଣ ପାତ୍ର, ଅନିରୁଦ୍ଧ ମଲିକ, ଶ୍ରୀଧର ଖଟୁଆ, କମଳାକାନ୍ତ ଖିଲାର, ଉଗ୍ରସେନ ଦାସ, ଯୋଗାନନ୍ଦ ଦାଶ, ଜ୍ୟୋତିର୍ମୟ ରାଉତ, ଗଙ୍ଗାଧର ଜେନା, ଗିରିଶ କୁମାର ବାରିକଙ୍କ ସମେତ ଶତାଧିକ କର୍ମୀ ଗଣଧାରଣା ଦେଇଥିଲେ।

### ବାଲି ଉଠାଣ ବିରୋଧରେ ତହସିଲ ଘେରାଉ

**ଜଳେଶ୍ୱର, ୨୭।୧୧(ଡି.ଏନ.ଏ./ସ୍ୱ.ପ୍ର.):** ସୁବର୍ଣ୍ଣରେଖା ନଦୀର କେତେକ ବାଲିଖାଦାନରୁ ବେଆଇନ ଭାବେ ବାଲି ଉଠାଯାଉଥିବାରୁ ନଦୀକୂଳ ଶିଖରପୁର ଗ୍ରାମ ଏବେ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଅନ୍ୟପକ୍ଷେ ଗ୍ରାମ୍ୟ ରାସ୍ତା ଦେଇ ବିଭିନ୍ନ ଗାଡିରେ ବାଲି ପରିବହନ କରାଯାଉଥିବାରୁ ଏହାକୁ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ କିଛି ପ୍ରତିକାର ହେଉ ନାହିଁ। ଏହି ପରିପ୍ରେକ୍ଷୀରେ ଗ୍ରାମର ଶତାଧିକ ମହିଳା ପୁରୁଷ ବୁଧବାର ଏକତ୍ରିତ ହୋଇ ତହସିଲ ଅଫିସ ଘେରାଉ କରିବା ସହିତ ଏକ ୬ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ତହସିଲ ସମ୍ମୁଖରେ ଧାରଣା, ଅନଶନ ଭଳି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।

### ଆକାଉଣ୍ଟରୁ ଟଙ୍କା ହଡ଼ପ ନେଇ ଥାନାରେ ଏତଲା

**ସିମୁଳିଆ, ୨୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ଅଞ୍ଚଳର ସନ୍ତୋଷ କୁମାର ରାଉତ ନାମକ ଜଣେ ଯୁବ ବ୍ୟବସାୟୀଙ୍କ ଆକାଉଣ୍ଟରୁ ତାଙ୍କ ଅଜାଣତରେ ବାରମ୍ବାର ଟଙ୍କା କଟି ଯାଉଥିବା ଅଭିଯୋଗ କରିଛନ୍ତି। ଗତ ୨୧ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ହଜାର ଟଙ୍କା କଟି ଯିବା ଜାଣି ବୁଝିବାକୁ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରେ ଅଭିଯୋଗ ନ ରଖି କଷ୍ଟମର କେୟାର୍‌କୁ ଯୋଗାଯୋଗ କରିବା ଲାଗି କହିଥିଲେ। ସନ୍ତୋଷ କଷ୍ଟମର କେୟାରକୁ ଜଣାଇ ନିରାଶ ହେବାରୁ ଏନେଇ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

## ୯ଦଫା ଦାବି ନେଇ ପଞ୍ଚାୟତ ଅଫିସ ଘେରାଉ



ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଛି।

ଜଳେଶ୍ୱର, ୨୭।୧୧ (ଡି.ଏନ.ଏ./ ସ୍ୱ.ପ୍ର.)

ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ବୁଧବାର ସିପିଆଇ(ଏମ୍) ସୁଗୋ ଶାଖା ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ଅଫିସ ଘେରାଉ କରାଯାଇଥିଲା। ଦଳର କର୍ମୀମାନେ ସୁଗୋ ହାଟଛକରୁ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ଅଫିସ ନିକଟରେ ପହଞ୍ଚି ସେଠାରେ ୯ ଦଫା ଦାବି ନେଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଞ୍ଚାୟତ ଅଧିକାରୀଙ୍କ ସହିତ ଉଚ୍ଚ ପଦାଧିକାରୀ ଏଠାକୁ ଆସି ଦାବି ବିଷୟରେ ଆଲୋଚନା କରିବାକୁ ଅଡିବସି ସେମାନେ ଧାରଣା ଆନ୍ଦୋଳନ ଜାରି ରଖିଥିଲେ। ବର୍ତ୍ତମାନ ସୁଦ୍ଧା ପଞ୍ଚାୟତରେ ସ୍ୱଚ୍ଛଭାରତ ଅଭିଯାନରେ ଗରିବ ଆଦିବାସୀ ଓ ହରିଜନ ସମେତ ୮୦ଭାଗ ଲୋକଙ୍କର ପାଇଖାନା ଗୃହ ନିର୍ମାଣ କରାଯାଇନାହିଁ। ବାତ୍ୟାରେ କ୍ଷତିଗ୍ରସ୍ତ ଭାଗଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବାରେ ଅବହେଳା, କୃଷକଙ୍କ ପାଇଁ ଆସୁଥିବା ଅନୁଦାନ ସମ୍ପର୍କରେ କୃଷକ ସାଥୀଙ୍କୁ ନ ଜଣାଇବା ଓ ଦରଦାମ ବୃଦ୍ଧି ଘଟଣାରେ ସେମାନେ ପ୍ରତିବାଦ ଜଣାଇଥିଲେ। ସେହିପରି ଲେବର କାର୍ଡରେ ଗୃହ ମଞ୍ଜୁର କରିବା, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅଧିକ ଟଙ୍କା ମଞ୍ଜୁର କରି ରାସ୍ତାଘାଟ ନିର୍ମାଣ କରିବା, ପ୍ରଧାନମନ୍ତ୍ରୀ କିଷାନ ଓ କାଳିଆ ଯୋଜନାରୁ ବଞ୍ଚିତ ଚାଷୀଙ୍କୁ ଟଙ୍କା ଦେବା, ଧାନର ମୂଲ୍ୟ ୩୬୨୦ଟଙ୍କାକୁ ବୃଦ୍ଧିକରି ପଞ୍ଚାୟତରେ ସରକାରୀ ଭାବେ ଧାନ କ୍ରୟ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଶ୍ରମିକ ନେତା ପଲ୍ଟୁ ଦାସଙ୍କ ନେତୃତ୍ୱରେ ଶାଖା ସମ୍ପାଦକ ମଦନ ମାହାଲି, ଗଣେଶ ଜେନା, ପରମେଶ୍ୱର ପୋଲାଇ, ଗୌରୀକାନ୍ତ ମହାନ୍ତି, ଅଖିଳ ଗଣତାନ୍ତ୍ରିକ ମହିଳା ନେତ୍ରୀ ସବିତା ଭୂୟାଁ, ମମତା ରାଜ, ଝରଣା ଘଡାଇ, ବ୍ଲକ ସଭାପତି ଦୀପ୍ତିମାନ ଆଚାର୍ଯ୍ୟ, ସରପଞ୍ଚ ଦିଲ୍ଲୀପ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ବିଡିଓଙ୍କ ପ୍ରତିନିଧି ଭାବେ ଜଣେ ଅଧିକାରୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ୧୫ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ



ସଦର ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ, ୨୭।୧୧:** ବାଲେଶ୍ୱର ସ୍ଥାନୀୟ ପବ୍ଲିକ ସରକାରୀ ହାଇସ୍କୁଲ ପରିସରରେ ସଦର ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଶିକ୍ଷାଧିକାରିଣୀ (ବିଇଓ) କବିତା ଯେନା ଏଥିରେ ଅଧ୍ୟକ୍ଷତା କରି ବିଜ୍ଞାନ ମେଳା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗବେଷଣା ମନୋଭାବ ବଢାଇ ପାରୁଛି ବୋଲି କହିଥିଲେ। ସଦର ବିଧାୟକ ମଦନ ମୋହନ ଦତ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା, ସମ୍ମାନନୀୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବ୍ଲକର ବିଜ୍ଞାନ ସଂଯୋଜକ କୌଶିକ କୁମାର ଦାସ, ଏବିଇଓ ବିକର୍ତ୍ତନ ନାୟକ, ଦୀପ୍ତିଲତା ଦାସ, ମିନତି ନାୟକ, ନୋଡ଼ାଲ ପ୍ରଧାନଶିକ୍ଷକ ଦୀପକ କୁମାର ଆଚାର୍ଯ୍ୟ, ସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତୀ ସେଠୀ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୮୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବୈଷୟିକ ଜ୍ଞାନ, କୃଷି, ପରିଷ୍କାର, ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ, ପ୍ରାକୃତିକ ସମ୍ବଳ, ଶିଳ୍ପ, ଗମନାଗମନ, କ୍ରୀଡ଼ା ଓ ଗଣିତ ଭଳି ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ର ବିଜ୍ଞାନ କୌଶଳ ପ୍ରଦର୍ଶନ କରିଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ୧୫ଜଣ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବେନ୍ଦ୍ର କୁମାର ମହାନ୍ତି, ମୁରଲୀଧର ନାୟକ, ଅମର କୁମାର ପଣ୍ଡା, ବିଶ୍ୱନାଥ ରଣା, ଅରୁଣ କୁମାର ପାତ୍ର, ରାଧାଶ୍ୟାମ ଅଗସ୍ତି, ଅମରେନ୍ଦ୍ର ଦାସ, ବଟକୃଷ୍ଣ ମିଶ୍ର, ବ୍ରଜ କିଶୋର ପ୍ରଧାନ, ଭାଗବତ ମହାନ୍ତି, ତୁଷାର ସାହୁ, ବିଷ୍ଣୁମୋହନ ମଲ୍ଲିକ, ରବୀନ୍ଦ୍ର ପ୍ରଧାନ ଏବଂ ସଦର ବ୍ଲକର ସମସ୍ତ ସିଆର୍‌ସିସି ପ୍ରମୁଖ ସହଯୋଗ କରିଥିଲେ।

**PROCLAMATION REQUIRING THE APPEARANCE OF THE ACCUSED**
**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
**(BY ORDER OF THE COURT)**
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

## ଔଦ୍ୟୋଗିକ ସଂସ୍କାର ସମ୍ପର୍କିତ କର୍ମଶାଳା
## ଯୋଗଦେଲେ ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ

**ବାଲେଶ୍ୱର ଅଫିସ, ୨୭।୧୧:** ବାଲେଶ୍ୱର ଆଇଟିଆଇସ୍ଥିତ ଉଦ୍ୟୋଗଭବନ ସମ୍ମିଳନୀ କକ୍ଷରେ ଇପିକଲ୍ (ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ୍ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଲିଃ) ଭୁବନେଶ୍ୱର ଆନୁକୂଲ୍ୟରେ ଔଦ୍ୟୋଗିକ ସଂସ୍କାର ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ବୁଧବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗ ଦେଇଥିଲେ। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ହରିହର ଜେନା କର୍ମଶାଳାକୁ ପରିଚାଳନା କରିଥିଲେ। ଇପିକଲ୍‌ର ମ୍ୟାନେଜର ଆକାଶ ଦାସ ଶିଳ୍ପ ସ୍ଥାପନ ପାଇଁ ସରକାର ନେଇଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଇପିକଲ୍‌ର ଜେନେରାଲ ମ୍ୟାନେଜର ରାଜୀବ ଧଳ ଅନ୍‌ଲାଇନ୍ ମାଧ୍ୟମରେ ଉଦ୍ୟୋଗୀଙ୍କୁ ମିଳୁଥିବା ବିଭିନ୍ନ କ୍ଲିୟରାନ୍ସ ଉପରେ ତଥ୍ୟ ପରିବେଷଣ କରିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଡେପୁଟି ସେକ୍ରେଟାରୀ ଶୈଳେନ୍ଦ୍ର ନାରାୟଣ ନାୟକ ଉଦ୍ୟୋଗୀଙ୍କୁ ସଂସ୍କାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ଲିଡ୍ ବ୍ୟାଙ୍କ ଅଧିକାରୀ ସୁଜିତ୍ ଡାକୁଆ, ବାଲେଶ୍ୱର ଇଡ୍‌କୋ ଡିଭିଜନ୍ ମୁଖ୍ୟ ପଞ୍ଚାନନ ନାୟକ, ବାଲେଶ୍ୱର ନେସ୍କୋ ଅଧିକାରୀ କାମାକ୍ଷା ପ୍ରସାଦ ପଟ୍ଟନାୟକ, ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ସତ୍ୟାନନ୍ଦ ପଟ୍ଟନାୟକ, ଭଦ୍ରକ ଓ ମୟୂରଭଞ୍ଜ ଜିଲା ଶିଳ୍ପକେନ୍ଦ୍ରର ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। ଶେଷରେ ମୟୂରଭଞ୍ଜ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ନୀଳମଣି ପ୍ରେମ୍‌ଚାନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ସମ୍ବିଧାନ ମହାନ୍' ଶୀର୍ଷକ ଆଲୋଚନାଚକ୍ର

**ରୂପସା, ୨୭।୧୧ (ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟରେ 'ଆମ ସମ୍ବିଧାନ ମହାନ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ରିସୋର୍ସ ପର୍ସନ ଭାବେ ଅଧ୍ୟାପିକା ପଦ୍ମିନୀ ନାୟକ, ଡ. ତପନ କୁମାର, ଡ. ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**OFFICE OF THE MUNICIPALITY, BASUDEVPUR**
**"e" Procurement Notice**
**BID Identification No. BN_No_E 028-2019-20**
Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the Work | : | Civil Construction Works as mentioned in DTCN. |
| 2. | No. of works | : | 64 Nos. |
| 3. | Estimated Cost | : | As per DTCN. |
| 4. | Period of Completion | : | 60 days. |
| 5. | Date & Time of Bidding | : | 29.11.2019 to 07.12.2019 upto 5 PM. |
| 6. | Last date & time for receipt of bids | : | 07.12.2019 upto 5 PM. |
| 7. | Bids received online shall be opened on | : | 09.12.2019 at 11.30 AM. |
| 8. | Name and address of the Officer inviting Bid | : | Executive Officer, Municipality, Basudevpur. |

Furhter details can be seen from the procurement portal i.e. **www.tendersorissa.gov.in**.
**Sd./- Executive Officer, Municipality, Basudevpur**

# 'ଚିକିତ୍ସା ସେବାକୁ ପ୍ରାଥମିକତା ଦିଅ'

■ ଜିଲା ମୁଖ୍ୟ ଚିକିତ୍ସାଳୟରେ କେନ୍ଦ୍ରାଞ୍ଚଳ ଆର୍‌ଡିସି
■ ବିଭିନ୍ନ ସମସ୍ୟାର ପ୍ରତିକାର ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର ଅଫିସ,୨୭।୧୧

କେନ୍ଦ୍ରାଞ୍ଚଳ ଆର୍‌ଡ଼ିସି ଇଂ. ଅନିଲ କୁମାର ସାମଲ ବୁଧବାର ପୂର୍ବାହ୍ଣ ୧୦ଟା ସମୟରେ ଅଚାନକ ଗସ୍ତରେ ଆସି ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ପରିଦର୍ଶନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟାର ପ୍ରତିକାର ଉପରେ ସେ ଗୁରୁତ୍ୱାରୋପ କରି ତୁରନ୍ତ ଏହାର ସମାଧାନ ପାଇଁ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ୫-ଟି କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରୋଗୀଙ୍କୁ ଯେଭଳି ଉପଯୁକ୍ତ ଚିକିତ୍ସା ସେବା ମିଳିବ ସେଥିଲାଗି ପ୍ରାଥମିକତା ଦେବାକୁ ସେ କହିଥିଲେ।

କେନ୍ଦ୍ରାଞ୍ଚଳ ଆର୍‌ଡ଼ିସି ଇଂ. ସାମଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପ୍ରଥମେ ସର୍ଜରୀ ୱାର୍ଡ଼, ସ୍ତ୍ରୀ ଓ ପ୍ରସୂତି ବିଭାଗ ଯାଇ ପରେ ଭେଷଜ ବିଭାଗ ବୁଲି ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଆର୍‌ଡ଼ିସିଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଅବଗତ କରାଇଥିଲେ। ସେଥିମଧ୍ୟରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଉତ୍ତମ ସେବା ପାଇଁ ବ୍ୟବସ୍ଥା, ଆବଶ୍ୟକୀୟ ଉପକରଣ ଅଭାବ ଥିବାର ରୋଗୀଙ୍କ ସମ୍ପର୍କୀୟ ଗିରିଜା ଦାସ ଅଭିଯୋଗ ଆଣିଥିଲେ। କେନ୍ଦ୍ରାଞ୍ଚଳ ଆର୍‌ଡ଼ିସି ପରେ ଆହାର କେନ୍ଦ୍ର ପରିଦର୍ଶନ କରିବା ସହିତ ରୋଗୀଙ୍କ ଧାଡ଼ିରେ ଛିଡ଼ା ହୋଇ ଖାଦ୍ୟ ଖାଇବା ସହ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଖାଦ୍ୟର ମାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଫକୀରମୋହନ ମେଡ଼ିକାଲ କଲେଜ ଡିନ୍ ଅଧ୍ୟକ୍ଷ ଡା. ପ୍ରତାପ ରଥ, ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ଲୋକଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ପାଇଁ ପ୍ରଶାସନିକ ଅଧିକାରୀମାନେ ଉଦ୍ୟମ ଚଳାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ କହିଥିଲେ।


କେନ୍ଦ୍ରାଞ୍ଚଳ ଆର୍‌ଡିସି ଇଂ. ଅନିଲ କୁମାର ସାମଲ ୱାର୍ଡ଼ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରୁଛନ୍ତି ।

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**
**ନିବେଦନ**
୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।
ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।
**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ ।**
**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲାପାଳ, ଗଞ୍ଜାମ, ଛତ୍ରପୁର-ତଥା**
**-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**

## ସଂକ୍ଷେପରେ

### ୫୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଉଦଳା,୨୭।୧୧(ଡି.ଏନ୍.ଏ.)-** ଉଦଳାଠାରେ କପ୍ତିପଦା ଉପଖଣ୍ଡ ନିମନ୍ତେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ସମୁଦାୟ ୫୭ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ଭଗବାନ ବେହେରା, ସହକାରୀ ଜିଲାପାଳ ଗୌରହରି ମହାନ୍ତ ଏଥିରେ ସହଯୋଗ କରିଥିଲେ। ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୪୬ଟି ରହିଥିବା ବେଳେ ୧୧ଟି ସାମୁହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜଣଙ୍କୁ ୩ ହଜାର ଏବଂ ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ୮ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା।

### ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ଗୁରୁତର

**ରାଇରଙ୍ଗପୁର,୨୭।୧୧(ଡି.ଏନ୍.ଏ.)-** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ରହୁଥିବା ଜନୈକା ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରି ଗୁରୁତର ଆହତ କରିବା ସହ ତାଙ୍କ ନିକଟରୁ ନଗଦ ୩୫ ହଜାର ଟଙ୍କା ଧରି ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୦୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଆହତ ମହିଳା ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାତଳା ଗ୍ରାମରେ ଏକ ଭଡ଼ା ଘରେ ତାଙ୍କ ବାପଘର ପରିବାର ଲୋକଙ୍କ ସହ ରୁହନ୍ତି। ଗତ ପ୍ରାୟ ୧୫ ବର୍ଷ ହେବ ଝାଡଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅଞ୍ଚଳର ଜନୈକ ଯୁବକଙ୍କ ସହ ତାଙ୍କର ବିବାହ ହୋଇଥିଲା। କିଛି ବର୍ଷ ହେବ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେବାରୁ ସ୍ୱାମୀ ଅନ୍ୟତ୍ର ରହୁଥିଲେ। ଗତ ୩/୪ ଦିନ ତଳେ ସେ ବିଜାତଳାରେ ରହୁଥିବା ସ୍ତ୍ରୀଙ୍କ ନିକଟକୁ ଆସିଥିଲେ। ତେବେ ରବିବାର ସ୍ତ୍ରୀଙ୍କୁ ମାଡ଼ମାରି ତାଙ୍କ ଘରୁ ୩୫ ହଜାର ଟଙ୍କା ଜୋର ଜବରଦସ୍ତ ନେଇ ପଳାଇଯାଇଥିଲେ। ଆହତ ମହିଳା ଜଣକ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପଥବିକ୍ରେତାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

**ବାଲେଶ୍ୱର ଅଫିସ,୨୭।୧୧-** ବାଲେଶ୍ୱର ସହରର ପଥବିକ୍ରେତା, ଉଠାଦୋକାନୀ ଓ ହକରମାନଙ୍କ ପକ୍ଷରୁ ଉଚ୍ଛେଦ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ଗାନ୍ଧୀସ୍ମୃତି ଭବନ ନିକଟରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଠାଦୋକାନୀ ଉଚ୍ଛେଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରି ପଥବିକ୍ରେତାଙ୍କ ଜୀବିକାର ସୁରକ୍ଷା ଓ ପଥବିକ୍ରୟ ନିୟମ ଆଇନ ୨୦୧୪ କାର୍ଯ୍ୟକାରୀ କରିବା ସକାଶେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନ୍ୟାଶନାଲ୍ ହକର ଫେଡରେଶନର ସର୍ବଭାରତୀୟ ଅତିରିକ୍ତ ସାଧାରଣ ସମ୍ପାଦକ ଜୟନ୍ତ ଦାସ, ଓଡ଼ିଶା ପଥବିକ୍ରେତା ସଂଘ ବାଲେଶ୍ୱର ପୌରାଞ୍ଚଳ କମିଟି ଉପସଭାପତି ଆବିଦ ଖାନ୍, ସମ୍ପାଦକ ମୋହିନୀ ମୋହନ ପରିଡ଼ା, ଟାଉନ ଭେଣ୍ଡିଂ କମିଟି ସଦସ୍ୟ ବିଶ୍ୱଜିତ୍ ମହାପାତ୍ର, ଜିଲା ଖବରଦାତା ସଂଘ ସଭାପତି ରଞ୍ଜନ ବାଗ, ଭିଟାମାଟି ଆନ୍ଦୋଳନର ନେତା ଅରୁଣ ଜେନା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ପ୍ରତି ବ୍ଲକରେ ପ୍ରତିଷ୍ଠା ହେଉ କରତକଳ

**ଚାନ୍ଦବାଲି, ୨୭।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ କରତକଳ ପ୍ରତିଷ୍ଠା ପାଇଁ ସରକାରୀ ଅନୁମତି ପ୍ରଦାନ ଲାଗି ବିଭିନ୍ନ ମହଲରେ ଦାବି ହେଉଛି। ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣସଂଗ୍ରାମ ସଂଘର କର୍ମକର୍ତ୍ତା ବୁଧବାର ଏ ନେଇ ଚାନ୍ଦବାଲି ସ୍ଥିତ ଭଦ୍ରକ ଡିଏଫ୍‌ଓ ଅଫିସ୍ ଘେରାଉ କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନକାରୀମାନେ ମଧୁବାବୁ ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ଡିଏଫ୍‌ଓ ଅଫିସ୍ ଆଗରେ ଆନ୍ଦୋଳନ ସହ ନାରାବାଜି କରିଥିଲେ। ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡଆନ ସଂଘର ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ଦାବିପତ୍ର ଗ୍ରହଣ କରିଛନ୍ତି। ଏହି ଦାବିପତ୍ରକୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପ୍ରଦାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ପ୍ରକାଶ ଯେ, ଭଦ୍ରକ ଜିଲାର କେନ୍ଦୁଆପଦାଠାରେ ରାଜ୍ୟ ସରକାର ୨୦୧୮ରେ ୭ଟି କରତକଳ ସ୍ଥାପନ ପାଇଁ ଅନୁମତି ପ୍ରଦାନ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି। ମାତ୍ର ଏହି ସ୍ଥାନ ଜିଲାର ବିଭିନ୍ନ ବ୍ଲକଠାରୁ ଅଧିକ ଦୂର ହେବା ସହିତ କାଠଚିରା ବାବଦକୁ ଖର୍ଚ୍ଚ ବଢ଼ିଯାଉଛି। ଫଳରେ ଗଛକୁ ଚିରି ସାଇଜ୍ କାଠ ମିଳିବାରେ ସମସ୍ୟା ହେଉଛି ବୋଲି କୁହାଯାଇଛି। ଏହାଦ୍ୱାରା କାଠ ଉପରେ ନିର୍ଭର କରୁଥିବା କରତକଳ ମାଲିକ, କର୍ମଚାରୀ, କାଠ ବ୍ୟବସାୟୀ, ବଢ଼େଇ, ରାଜମିସ୍ତ୍ରି ଭଳି ଲୋକଙ୍କର ଜୀବନଜୀବିକା ବାଧାପ୍ରାପ୍ତ ହେଉଛି। ଏହାଛଡ଼ା ବିଭିନ୍ନ ଅଞ୍ଚଳରେ ଚାଲିଥିବା ବେଆଇନ କରତକଳରେ ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସେମାନଙ୍କ ଯନ୍ତ୍ରପାତିକୁ ସିଜ୍ କରାଯାଇଛି। ଫଳରେ କାଠ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ କାଠ ଚିରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ କାଠ ଚିରା ସମସ୍ୟା ପ୍ରତି ବିଭାଗ ଦୃଷ୍ଟି ଦେବା ସହ ପ୍ରତି ବ୍ଲକରେ କରତ କଳ ସ୍ଥାପନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ଦିଲୀପ ବେହେରା, ସମ୍ପାଦକ ଶେଖ୍ ନାସିର ଅଲୀ, ସେକ୍ ରାଜା, ମହେଶ୍ୱର ମହାରଣା, ନିତ୍ୟାନନ୍ଦ ସାହୁ, ପ୍ରତାପ ରାଉତ, ରମେଶ ମହାପାତ୍ର, ସେକ୍ ମୁକର, ରୂପକ ସାହୁ, ନରସିଂହ ମହାରଣା, ରଘୁନାଥ ମହାନ୍ତି, ନୃସିଂହ ସାହୁ ଓ ଚନ୍ଦନ ମହାନ୍ତି ପ୍ରମୁଖ ଘେରାଉରେ ସାମିଲ ଥିଲେ।


ଡିଏଫ୍‌ଓ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନକାରୀ।

## ■ ବାସୁଦେବ ଜୀଉଙ୍କ ପୀଠରେ ବାର୍ଷିକ ସମାରୋହ

# ବୈତରଣୀ ନଦୀରେ ଫୁଟ୍‌ବ୍ରିଜ ନିର୍ମାଣ ଦାବି କଲେ ଗ୍ରାମବାସୀ

**ଧାମନଗର, ୨୭।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ଶଇଲୋସ୍ଥିତ ଶ୍ରୀଶ୍ରୀ ବାସୁଦେବ ଜୀଉଙ୍କ ପୀଠରେ ୩ ଦିନିଆ ବାର୍ଷିକ ଉତ୍ସବ ଆୟୋଜନ ଯୋଗୁ ପରିବେଶ ଉତ୍ସବମୁଖର ରହିଥିଲା। ଏହି ଅବସରରେ ନାମ ଯଜ୍ଞ, ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲାର ପାଲାଗାୟକ ଚକ୍ରଧର ଦାସ ପାଲା ପରିବେଷଣ କରିଥିଲେ। ମାଳିକା ବିଚାର ଉପରେ ପଣ୍ଡିତ ପ୍ରମୋଦ କୁମାର ପ୍ରବଚନ ପ୍ରଦାନ କରିଥିଲେ। ଅରୁଣ କୁମାର ନାୟକ ସସ୍ତ୍ରୀକ ମହାଯଜ୍ଞରେ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଐତିହ୍ୟସମ୍ପନ୍ନ ବାସୁଦେବ ଜୀଉଙ୍କ ପୀଠର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ପୂର୍ବତନ ବିଧାୟକଙ୍କ ଆର୍ଥିକ ଅନୁଦାନର ସମୀକ୍ଷା କରାଯାଇଥିଲା। ଏହି ପୀଠ ସହ ଯାଜପୁର ଜିଲାକୁ ସଂଯୋଗ ଲାଗି ବୈତରଣୀ ନଦୀରେ ଏକ ଫୁଟ୍‌ବ୍ରିଜ ନିର୍ମାଣ ଲାଗି ମନ୍ଦିର କମିଟି ଏବଂ ଗ୍ରାମବାସୀଙ୍କ ତରଫରୁ ଏମ୍‌ପିଙ୍କ ନିକଟରେ ଦାବି କରାଯାଇଥିଲା। ଏମ୍‌ପି ମନ୍ଦିର ପରିସରରେ ଏକ ଗୃହର ଶିଳାନ୍ୟାସ କରିବା ସହିତ ଫୁଟ୍‌ବ୍ରିଜ ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ନାୟକ, ମନ୍ଦରଧର ନାୟକ, ବିଭୂତିଭୂଷଣ ଲେଙ୍କା, ସନ୍ତୋଷ କୁମାର ରାୟ, ସରପଞ୍ଚ ଶିବପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେଡିକାଲ କଲେଜ ଦାବିରେ ଦସ୍ତଖତ ଅଭିଯାନ



ଯୁବଗୋଷ୍ଠୀଙ୍କ ଦସ୍ତଖତ ଅଭିଯାନ ଶୋଭାଯାତ୍ରା।

**ଭଦ୍ରକ ଅଫିସ, ୨୭।୧୧**

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବୁଧବାର ଯୁବଗୋଷ୍ଠୀ ଏକତ୍ର ହୋଇ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ପୁରୁଣା ଜିଲାପାଳଙ୍କ ଅଫିସ୍‌ଠାରୁ ଚାଲି ଚାଲି ବିଭିନ୍ନ ବର୍ଗର ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ। ଏହି ଅଭିଯାନରେ ଅନେକ ସଙ୍ଗଠନ ଓ ଭଦ୍ରକ ଜନସାଧାରଣ ମୁଖ୍ୟତଃ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ଦସ୍ତଖତ ଅଭିଯାନ ଚାଲୁ ରହିବ ଓ ଏକ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କୁହାଯାଇଛି।

### ବୃକ୍ଷରୋପଣ ସାଙ୍ଗକୁ ଟ୍ରାଫିକ୍ ସଚେତନତା

**ବାଲେଶ୍ୱର ଅଫିସ, ୨୭।୧୧**

ବାଲେଶ୍ୱର ପୌରପାଳିକା ବିଜୁଯୁବବାହିନୀ ୱାର୍ଡ ନଂ. ୮ ଓ ୧୫ ପକ୍ଷରୁ ସ୍ଥାନୀୟ ମଠସାହିସ୍ଥିତ ନୟନା କୁମାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ତାରିଣୀ ଛକରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆୟେଜନ କରାଯାଇଥିଲା। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ନିୟମ ଅନୁସାରେ ଗାଡ଼ି ଚାଳନା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ■ ଖଇରା ମଣ୍ଡଳ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

# ଦୀନବନ୍ଧୁ ସଭାପତି, ଷଡ଼ାନନ ସାଧାରଣ ସମ୍ପାଦକ

**ଖଇରା,୨୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ମଣ୍ଡଳ ଉଚ୍ଚ ମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ବୁଧବାର ଜଳଙ୍ଗ-ଗଣ୍ଡିବେଡ ସ୍ଥିତ ମାୟାଧର ନବକିଶୋର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାୟୀ ସଭାପତି ମହେନ୍ଦ୍ର ପ୍ରସାଦ କବି ଏଥିରେ ପୌରୋହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ ଷଡାନନ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ଜିତେନ୍ଦ୍ର କୁମାର ବେହେରା,ରାଧାକାନ୍ତ ପଣ୍ଡା,ଟିଭି ରାଜଲକ୍ଷ୍ମୀ,କୁମୁଦବନ୍ଧୁ ନାୟକ ଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ଦୀନବନ୍ଧୁ ଦାଶଙ୍କୁ ସଭାପତି ଏବଂ ଷଡାନନ ପାଣିଗ୍ରାହୀଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଏହାଛଡା ସୁବୋଧ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି,ଗୌରାଙ୍ଗ ପାଣୀଗ୍ରାହୀ, ପାର୍ବତୀ ମହାନ୍ତି,ଗୌରାଙ୍ଗ ବେହେରାଙ୍କୁ ଉପସଭାପତି,ପ୍ରଦୀପ୍ତ ଶନିବିଗ୍ରହକୁ ସଂଗଠନ ସମ୍ପାଦକ,ବିଷ୍ଣୁ ମିଶ୍ର,ଲୋକନାଥ ରାଜ, ଭାଗିରଥି ଖଟୁଆଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଭାସ୍କର ଚନ୍ଦ୍ର ମଲ୍ଲିକ, ଜୟନ୍ତ ପାଣିଗ୍ରାହୀ,ନିଶାକର ଜେନାଙ୍କୁ ରାଜ୍ଜ ପରିଷଦ ସଭ୍ଜ, କମଳାକାନ୍ତ ପାଣିଗ୍ରାହୀ, ସୁଧାଂଶୁ ଶେଖର ମିଶ୍ର, ଅଭୟ କୁମାର ଦଳେଇ, ଶଙ୍କର୍ଷଣ ଦାସ, ରଶ୍ମିରଞ୍ଜନ ଶତପଥୀ, ହରିହର ଜେନାଙ୍କୁ ଜିଲା ପରିଷଦ ସଭ୍ୟ ଏବଂ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଜିଲା କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା ।

# ଯାଜପୁର ମୁକ୍ତମଞ୍ଚରେ ଭଦ୍ରକ କଳାକାର ପୁରସ୍କୃତ

**ଭଦ୍ରକ ଅଫିସ, ୨୭।୧୧**

ଯାଜପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ଧାମନଗର ବ୍ଲକ ଶହୀଦନଗର ସଞ୍ଚାର କଲ୍‌ଚରାଲ ଆସୋସିଏଶନ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଯାଜପୁର ସହର ଉପକଣ୍ଠ ମୋଟରଙ୍ଗାପାଳ କାର୍ତ୍ତିକେଶ୍ୱର ଯୁବ ନାଟ୍ୟ ପରିଷଦର ଚଳିତବର୍ଷ ରୌପ୍ୟ ଜୟନ୍ତୀ ନାଟକ ଉତ୍ସବରେ ବିଭିନ୍ନ ଜିଲାରୁ ୮ ନାଟ୍ୟାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସଞ୍ଚାର କଲ୍‌ଚରାଲ ଆସୋସିଏଶନ ନାଟକ ପ୍ରତିଯୋଗିତାରେ ଭାଗ ନେଇ ନାଟ୍ୟକାର ଗଣେଶ ରାଉତଙ୍କ ରଚିତ ‘ଧନରେ ତୋତେ ଗେଲ କରିବାକୁ ମନ’ ନାଟକ ପରିବେଷଣ କରି ଦ୍ୱିତୀୟ ଶ୍ରେଷ୍ଠ ନାଟକ ଭାବେ ମନୋନୀତ ହୋଇଥିଲା। ଆସୋସିଏଶନର ସନ୍ତୋଷ ପଲେଇ ଶ୍ରେଷ୍ଠ ନିର୍ଦ୍ଦେଶକ, ଅଧ୍ୟାପକ ହେମନ୍ତ ସ୍ୱାଇଁ ଶ୍ରେଷ୍ଠ ଚରିତ୍ର ଅଭିନେତା, ଫୁଟୁଆ ନନା ଚରିତ୍ର ଖଳନାୟକ, ଗାୟତ୍ରୀ ଅଭିନେତ୍ରୀ, ଶୁଭେନ୍ଦୁ ଲେଙ୍କା ପାର୍ଶ୍ୱନାୟକ, ଟିଙ୍କିନା ପାର୍ଶ୍ୱନାୟିକା, ଅନସୂୟା ରାଉତରାୟ ନାୟିକା, ବୀରେନ୍ଦ୍ର ପାତ୍ର ସହନାୟକ, ସୁଲୋଚନା ଖଳନାୟିକା, ଲକ୍ଷ୍ମଣ ସାହୁ ହାସ୍ୟାଭିନେତା, ପୀତବାସ କର ସଙ୍ଗୀତ ନିର୍ଦ୍ଦେଶକ, କୁନି ଶ୍ରେଷ୍ଠ କଣ୍ଠଶିଳ୍ପୀ ଏବଂ ମାଷ୍ଟର ମାଲିଙ୍ଗା ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ ଭାବେ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ପ୍ରତିଷ୍ଠାତା ନିର୍ଦ୍ଦେଶକ ଶୁଭେନ୍ଦୁ ଲେଙ୍କାଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଛି।


ସିଲ୍ଡ ସହ ଭଦ୍ରକ କଳାକାରମାନେ।

### ବୈଦ୍ୟ ସଂଘର ଜିଲାସ୍ତରୀୟ ବୈଠକ

**କୋଷ୍ଟା,୨୭।୧୧(ଡି.ଏନ୍.ଏ.)**

ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଲୋପ ପାଇ ଯାଉଥିବାରୁ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର ପାରମ୍ପରିକ ବୈଦ୍ୟ ସଂଘର ଜିଲାସ୍ତରୀୟ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ସଂଘର ଜିଲା କାର୍ଯ୍ୟାଳୟ ପ୍ରକୋଷ୍ଠରେ ବୈଦ୍ୟ ବିଶାରଦ ମଧୁସୂଦନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ସାହେବରାମ ମହାନ୍ତଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ବୈଦ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ବୈଦ୍ୟମାନଙ୍କୁ ଭତ୍ତା ପ୍ରଦାନ ଭଳି ଦାବି ନେଇ ଭୁବନେଶ୍ୱରଠାରେ ହେବାକୁ ଥିବା ରାଲି ଓ ସମାବେଶ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ବାସୁଦେବ ମହାନ୍ତ, ବଳଭଦ୍ର ସିଂ, କାଳିଚରଣ ସି, ଆନନ୍ଦ କୁମାର ଗିରି, ସୁରେନ୍ଦ୍ର ଭଞ୍ଜ, ତାପସ ରଞ୍ଜନ ଦାସ, ସୁବୋଧ ମହାନ୍ତ, କାଳୁରାମ ମହାନ୍ତ, ମନୋରଞ୍ଜନ ବାରିକ, ରତିକାନ୍ତ ଧଳ, ମତିଲାଲ ମହାନ୍ତ, କୃଷ୍ଣଚନ୍ଦ୍ର ଭଞ୍ଜ, ରତନ କୁମାର ମହାନ୍ତ, ନନ୍ଦିନୀ ମହାନ୍ତ, ମନୋରଞ୍ଜନ ମହାନ୍ତ, ଜନ୍ମେଜୟ ମହାନ୍ତ, ଦୁର୍ଗାପଦ ମାନ୍ନା ପ୍ରମୁଖ ବୈଦ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ■ ନାଇଟ କ୍ରିକେଟ୍ ଟୁର୍ନାମେଣ୍ଟ

# ମହାବୀର କ୍ଲବ ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ।

**ବନ୍ତ,୨୭।୧୧(ସ୍ୱ.ପ୍ର.)**

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାଠାରେ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସରମରା ମହାବୀର କ୍ଲବ ମଙ୍ଗୁଲିକୁ ହରାଇ ଚାମ୍ପିୟନ ହୋଇଛି। ୮ଟି ଟିମ୍‌କୁ ନେଇ ଆୟୋଜିତ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ମହାବୀର କ୍ଲବ ସରମରା ଗୋହିରାଶୁଣି ଗୋହିରା ଟିମ୍‌କୁ ହରାଇ ଫାଇନାଲକୁ ଯାଇଥିଲା। ୨ୟ ସେମିଫାଇନାଲରେ ଓଡଙ୍ଗକୁ ହରାଇ ମଙ୍ଗୁଲି ଫାଇନାଲରେ ପହଞ୍ଚିଥିଲା। ଫାଇନାଲ ମ୍ୟାଚ୍‌ରେ ମଙ୍ଗୁଲି ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୩୦ ରନ୍ କରିଥିଲା। ଜବାବରେ ମହାବୀର କ୍ଲବ କୌଣସି ଉଇକେଟ ନ ହରାଇ ଶୀତୁ ରାଉତଙ୍କ ୨୫ ରନ୍ ସହାୟତାରେ ୪ ଓଭରରେ ୩୨ ରନ୍ କରି ଚାମ୍ପିୟନ ହୋଇଥିଲା।

ସ୍ଥାନୀୟ ସରପଞ୍ଚ କିଶୋର କିଙ୍କର ପଢ଼ିଆରୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଦୈତାରୀ ମହାନ୍ତି, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଅନନ୍ତ ଚରଣ ମଲ୍ଲିକ, ସରମରା ସମବାୟ ସମିତି ସମ୍ପାଦକ ନିତ୍ୟାନନ୍ଦ ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଜୟନ୍ତ ପାତ୍ର, ଆକାଶ ଜେନା, ସୀତାଂଶୁ ଜେନା ଓ ରାଜେଶ ଜେନା। ସ୍କୋରର ଭାବେ ଅନିରୁଦ୍ଧ ଜେନା, ସତ୍ୟପ୍ରକାଶ ରାଉତ, ରାଜେଶ ବିଶ୍ୱାଳ ଓ ଲିପୁନ ପାତ୍ର ଦାୟିତ୍ୱ ତୁଲାଇଥିଲେ। ଦେବାନନ୍ଦ ମହାପାତ୍ର ଓ କେଦାର ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କୀର୍ତ୍ତିଶଙ୍କର ମହାନ୍ତି, ରଙ୍ଗାଧର ନାୟକ, ପ୍ରିୟବ୍ରତ ରାଉତ, ବିଶ୍ୱନାଥ ଜେନା, ଅଲେଖ ବିଶ୍ୱାଳ, ଦୀପ୍ତି ବିଶ୍ୱାଳ, ହାପି ରାଉତ, ବାପି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ୯ ଚୋରାମଦ ବେପାରୀ ଗିରଫ

**ରୂପ୍‌ସା/ସଜନାଗଡ଼,୨୭।୧୧(ଡି.ଏନ.ଏ.)**

**ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ**

କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ, କଟକ ୟୁନିଟ୍-୨ ଏବଂ ବାଲେଶ୍ୱର, ବସ୍ତା ଅବକାରୀ ଥାନାର ମିଳିତ ସହଯୋଗରେ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବହୁ ପରିମାଣର ଚୋରାମଦ ଜବତ କରାଯିବା ସହ ସଦର ବ୍ଲକ ରୂପ୍‌ସା, ଛାନୁଆ ସମେତ ବସ୍ତା ଓ ତାଳସାରୀ ଅଞ୍ଚଳରୁ ୬ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେହିପରି ନୀଳଗିରି ଅବକାରୀ ଓ ଏମ୍‌ଡ଼ିଏସ୍ ବିଭାଗ ବୁଧବାର ମିଳିତ ଚଢ଼ାଉ କରି ନୀଳଗିରି ଥାନା ଅଧୀନ ଅଞ୍ଚଳରୁ ବହୁ ଦେଶୀମଦ ଜବଦ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଉଲ୍ଲେଖନୀୟ ଯେ, ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଓ ଗାଲୁରାମ ହାଁସଦା, ଭ୍ରାମ୍ୟମାଣ ଟିମ୍ ଆଇଆଇସି ଉଦେଲାଲ ନାୟକ ଓ ବସ୍ତା ଅବକାରୀ ଥାନାଧିକାରୀ ଆନ୍‌ପା ମାରାଣ୍ଡି ପ୍ରମୁଖ ଚୋରାମଦ କାରବାର ହେଉଥିବା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ ପ୍ରଭାକର ବିଦ୍ଧାଣୀ, ସୁମତୀ ସିଂ, ଉଦୟ ପାତ୍ର, ଜୀବନଜ୍ୟୋତି ଦଳେଇ, କୁନି ସେନାପତି ଓ ସୁଶାନ୍ତ ବେହେରାଙ୍କୁ ଗିରଫ କରିଛନ୍ତି। ଏହି ଅଭିଯୁକ୍ତମାନଙ୍କ ଠାରୁ ୩ଶହ ଲିଟର ଦେଶୀ ମଦ, ୭୦ଲିଟର ବିଅର ସହ ୭ଲିଟର ବିଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ନୀଳଗିରି ଥାନା ଅଧୀନ କୁସୁମପୁର ଗ୍ରାମର ବିକ୍ରମ ମହାଳିକ (୩୦)ଙ୍କଠାରୁ ୧୯ ଲିଟର, ବୟାରସାହି ଗ୍ରାମର ଲକ୍ଷ୍ମୀଧର ସିଂ (୪୩)ଙ୍କଠାରୁ ୧୭ ଲିଟର ଏବଂ ବିଟୁସାହି ଗ୍ରାମର ସାନ୍ଧିଆ ସିଂ (୪୫) ଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବଦ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ପୁଦାଳ ଗ୍ରାମରୁ ୨ହଜାର ଲିଟର ପୋଚ ସହ ମଦ ରନ୍ଧା ସରଞ୍ଜାମ ଜବଦ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଓଆଇସି ଲକ୍ଷେ ସାଧବ ପ୍ରଧାନ, ଜୟନ୍ତି ଆଚାର୍ଯ୍ୟ, ଉର୍ମିଳା ବେହେରା, ଜୟ ମାଧବ ଦାସ ପଟ୍ଟନାୟକ, ହୃଷୀକେଶ ବାରିକ, ବିକେ ନାଏକ ଏବଂ ଏସ୍‌କେ ସାହୁ ସାମିଲ ଥିଲେ।

# ପେଟ୍ରୋଲ ପମ୍ପରେ ଓଜନ ମାପ, ଗୁଣାତ୍ମକ ମାନ ଯାଞ୍ଚ

**ଭଣ୍ଡାରିପୋଖରୀ,୨୭।୧୧(ଡି.ଏନ.ଏ.)**

୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ତହସିଲଠାରୁ ଅନତି ଦୂରରେ ଥିବା ମା’ ଗଙ୍ଗେଶ୍ୱରୀ ଫିଲିଂ ଷ୍ଟେଶନରେ ବିଭାଗୀୟ ଅଧିକାରୀ ଯାଞ୍ଚ କରିଛନ୍ତି। ଏଠାରେ ଓଜନ ମାପ ଓ ତେଲର ଗୁଣାତ୍ମକ ମାନରେ ଠକାମି ନେଇ ଭଦ୍ରକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବିଭାଗୀୟ ଅଧିକାରୀ ଯାଞ୍ଚ କରିଥିଲେ। ବନ୍ତର ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ବିଜୟ କୁମାର ସେଠୀ, ଜିଲା ସହକାରୀ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ଭଣ୍ଡାରିପୋଖରୀ ବ୍ଲକ ଯୋଗାଣ ଅଧିକାରୀ ରେବତୀସ ସିଂ ନାୟକ, ବନ୍ତ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା, ଓଜନ ମାପ ଓ ମାନ ନିର୍ଦ୍ଧାରଣ ଅଧିକାରୀ ଅଞ୍ଜନ କୁମାର ଜେନା ପ୍ରମୁଖ ଯାଞ୍ଚରେ ସାମିଲ ଥିଲେ। ଏକ ଘଣ୍ଟା ଧରି ଏହି ଫିଲିଂ ଷ୍ଟେଶନର କାଗଜପତ୍ର ଯାଞ୍ଚ ସହ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏ ନେଇ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ।


ପେଟ୍ରୋଲ ପମ୍ପରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ନଭେମ୍ବର ୨୮/୨୦୧୯ Balasore, Thursday, November 28/ 2019

## ସଂକ୍ଷେପରେ

### ବିଳମ୍ବରେ ଆସିବାରୁ ୨ ଶିକ୍ଷକଙ୍କ ଦରମା ବନ୍ଦ

**ବନ୍ତ,୨୭।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ତୁଳିପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଶିକ୍ଷକ ବିଳମ୍ବରେ ଆସିବା କାରଣରୁ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୁଇ ଶିକ୍ଷକଙ୍କର ମାସକର ଦରମା ବନ୍ଦ କରିଥିବା ଜଣାଯାଇଛି। ଦୁଇ ଶିକ୍ଷକ ହେଲେ ଅନନ୍ତ କିଶୋର ଦେହୁରୀ ଓ ଅଲେଖ ଚରଣ ନାଇକ। ଗତ ୨୫ ତାରିଖରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ମିଶ୍ର ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ପୂର୍ବାହ୍ନ ୧୦ଟା ୪୦ରେ ଏହି ଦୁଇ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ରିପୋର୍ଟ କରାଯିବା ପରେ ସେମାନଙ୍କର ଚଳିତ ମାସର ଦରମା ବନ୍ଦ କରାଯାଇଥିବା ଜଣାପଡ଼ିଛି।

### ମଦବିକ୍ରିକୁ କେନ୍ଦ୍ରକରି ଗଣ୍ଡଗୋଳ: ୭ ଆହତ

**ଭଦ୍ରକ ଅଫିସ, ୨୭।୧୧:** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ନରସିଂହପୁର ଗାଁରେ ବୁଧବାର ଅପରାହ୍ନରେ ଚୋରାମଦ ବିକ୍ରିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷରୁ ୭ ଜଣ ଆହତ ହୋଇଛନ୍ତି। ଏ ନେଇ ତିହିଡ଼ି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବଡ଼ବାପାଙ୍କ କଟୁରୀ ଆକ୍ରମଣରେ ଦୁଇ ପୁତୁରା ସମେତ ଭାଇବୋହୂ ଗୁରୁତର ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି ପ୍ରତି ଆକ୍ରମଣରେ ଅପରପକ୍ଷର ୪ଜଣ ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ମେଶିନରେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

**ଯୋଡ଼ା ୨୭।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣିଡିହା ଗ୍ରାମରେ ମଙ୍ଗଳବାର ଧାନ ଅମଳ କରାଯାଉଥିବା ଥେସର ମେସିନ୍‌ରେ ଚାପି ହୋଇ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଭୋର ସମୟରେ ଉକ୍ତ ଗ୍ରାମର ଶ୍ରମିକ ଚନ୍ଦ୍ର ମୁଣ୍ଡା (୪୦) କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ମେଶିନରେ ଥିବା ଫ୍ୟାନ ବେଲ୍ଟରେ ତାଙ୍କ ହାତ ଲାଗିଯାଇଥିଲା। ଫଳରେ ସେ ଚାପି ହୋଇଯାଇଥିଲେ। ତାଙ୍କୁ ମେଶିନ୍ ଭିତରୁ ଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ହେଁ, ବୁଧବାର ସକାଳ ୯ଟାରେ ଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ବାମେବାରୀ ଥାନାରେ ଏକ ମାମଲା (ନଂ.୧୬୭/୨୦୧୯) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ଭୋଗରାଇ ବ୍ଲକ ପରିସର ରଣକ୍ଷେତ୍ର

**ଭୋଗରାଇ,୨୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ କାର୍ଯ୍ୟାଳୟ ପରିସର ବୁଧବାର ସନ୍ଧ୍ୟାରେ ରଣକ୍ଷେତ୍ର ପାଲଟିଛି। ବ୍ଲକ ଅଧୀନ ଶ୍ରଦ୍ଧାପୁର ଓ କସବାକମର୍ଦ୍ଦା ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ପୂର୍ବାହ୍ନରେ ଉପନିର୍ବାଚନ ହୋଇଥିଲା। ମଧ୍ୟାହ୍ନ ୧୨ଟା ସମୟରେ ମତଦାନ ଶେଷ ହେବାରୁ ଭୋଟ ବାକ୍ସଗୁଡିକୁ ଗାଡିରେ ରଖି ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅପରାହ୍ନ ସମୟରେ ଭୋଟବାକ୍ସ ଆସି ପହଞ୍ଚିବା ବେଳେ ଶ୍ରଦ୍ଧାପୁର ପଞ୍ଚାୟତର ୨ଟି ଭୋଟ ବାକ୍ସ ଖୋଲାଥିବା ଦେଖି ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ପାଟିତୁଣ୍ଡ କରିଥିଲେ। ଏ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଉପସ୍ଥିତ ସ୍ୱାଧୀନ ପ୍ରାର୍ଥୀ, ବିଜେଡ, ଭାଜପା ଓ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ଏହି ଗଣ୍ଡଗୋଳ ବେଳେ ଗୋଟିଏ ଭୋଟ ବାକ୍ସ ଭଙ୍ଗାରୁଜା ହୋଇ ପଡିବା ଦେଖାଯାଇଥିଲା। ଏନେଇ ଉତ୍ତେଜନା ବଢି ଅଣାୟତ ରୂପ ନେଇଥିଲା। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସମର୍ଥକମାନେ ମୁହାଁମୁହିଁ ହେବାରୁ ସନ୍ଧ୍ୟା ସମୟରେ ଉପସ୍ଥିତି ପୋଲିସକୁ ଲାଠିଚାଳନା କରିବାକୁ ପଡିଥିଲା। ଏଥିରେ କେତେକ ସମର୍ଥକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଜଣେ ଖବରଦାତା ଆହତ ହୋଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ବିଭିନ୍ନ ପ୍ରାର୍ଥୀଙ୍କ ସମର୍ଥକମାନେ ଛତ୍ରଭଙ୍ଗ ଦେଇ ବ୍ଲକ ଅଫିସ ବାହାରକୁ ଯାଇ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେଠାରୁ ଜଣେ ବିକ୍ଷୋଭ ପ୍ରଦର୍ଶନକାରୀ ଯୁବନେତାଙ୍କୁ ଥାନାକୁ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ୧ ପ୍ଲାଟୁନ ଫୋର୍ସ ସହ ଉଚ୍ଚପଦସ୍ଥ ଅଧିକାରୀମାନେ ବ୍ଲକ ଅଫିସ ପରିସରକୁ ଜଗି ରହିଛନ୍ତି।

ଉଲ୍ଲେଖନୀୟ ଯେ, ଗତ ପଞ୍ଚାୟତ ନିର୍ବାଚନ ପରେ ଏହି ଦୁଇ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚଙ୍କ ମୃତ୍ୟୁ ଘଟିଥିଲା। ଏହି ପରିପ୍ରେକ୍ଷୀରେ ସେଠାରେ ଉପନିର୍ବାଚନ କରାଯାଇଥିଲା। ଶ୍ରଦ୍ଧାପୁର ଓ କସବାକମର୍ଦ୍ଦା ପଞ୍ଚାୟତରେ ୩ ଜଣ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବ୍ଲକ କାର୍ଯ୍ୟାଳୟକୁ ଭୋଟବାକ୍ସ ଅଣାଯିବା ପରେ ଶ୍ରଦ୍ଧାପୁର ପଞ୍ଚାୟତ ଅଧୀନ ୧୨ ଓ ୧୪ ନମ୍ବର ବୁଥ୍‌ର ଭୋଟ୍ ବାକ୍ସ ଖୋଲାଥିବା ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ଅଭିଯୋଗ କରି ପୋଲିଂ ଅଫିସରଙ୍କୁ ଘେରିଯାଇ ପ୍ରତିବାଦ ଜଣାଇଥିଲେ। ଏହି ସମୟରେ ଗଣ୍ଡଗୋଳ ଘଟି କେହି ଭୋଟ୍‌ବାକ୍ସ ଭଙ୍ଗାରୁଜା କରିଥିବା କୁହାଯାଉଛି। ଏପରି କି କେତେକ ଭୋଟ କାଗଜ ବ୍ଲକ ପରିସରରେ ବିଛାଡ଼ି ହୋଇ ପଡ଼ିଥିବା ଦେଖାଯାଇଥିଲା। ସମ୍ପୃକ୍ତ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ପ୍ରତିବାଦ ଜଣାଇଥିଲେ। ସେଠାରେ ବିଜେଡି ସମର୍ଥକ କୁହାଯାଉଥିବା କେତେଜଣ ବ୍ୟକ୍ତି ପହଞ୍ଚି ସେମାନଙ୍କୁ ବ୍ଲକ ପରିସରରୁ ତଡ଼ି ଦେବାକୁ ଉଦ୍ୟମ କରଥିଲେ। ଏହାକୁ ନେଇ କଂଗ୍ରେସ ଓ ଭାଜପା ସମର୍ଥକମାନେ ପ୍ରତିବାଦ ଜଣାଇବାର ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକଙ୍କୁ ଘଉଡାଇବା ଲାଗି ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଥିବା କୁହାଯାଉଛି। ଖବର ପାଇ ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ବ୍ଲକ ଅଫିସ ପରିସରରେ ପହଞ୍ଚି ଭୋଟ୍‌ବାକ୍ସ ତନଖି କରିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଭଳି ଘଟଣା ନେଇ ଭାଜପା ପକ୍ଷରୁ ବ୍ଲକ ଅଫିସ ମୁଖ୍ୟ ଫାଟକ ଆଗରେ ପ୍ରତିବାଦ ସଭା କରାଯାଇ ଘଟଣାର ତଦନ୍ତ ଦାବି କରାଯାଇଛି। ଅନ୍ୟପକ୍ଷେ ଭୋଟ୍‌ବାକ୍ସ ଭାଙ୍ଗିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିକରି ଘେରାଉ ଜାରି ରଖିଥିବା ସୂଚନା ମିଳିଛି।


ବ୍ଲକ ଅଫିସ ପରିସରରେ ଉତ୍ତେଜନା ପରିସ୍ଥିତି।

- ସରପଞ୍ଚ ଉପନିର୍ବାଚନକୁ ନେଇ ଉତ୍ତେଜନା
- ବ୍ଲକ ପରିସରକୁ ଅଣାଯିବା ସମୟରେ ୨ଟି ଭୋଟ୍ ବାକ୍ସ ଖୋଲାଥିବା ନେଇ ଅଭିଯୋଗରୁ ତୁମୁଳକାଣ୍ଡ
- ପୋଲିସ ପକ୍ଷରୁ ଲାଠିଚାଳନା

### ଶ୍ରମିକଙ୍କୁ କୋଦାଳ ବେଣ୍ଟରେ ଛେଚି ହତ୍ୟା

**ବାରିପଦା ଅଫିସ/ ବେତନଟୀ, ୨୭।୧୧ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା କେସିପୁର ଫାଣ୍ଡି ଅଧୀନ କୈଳାସଚନ୍ଦ୍ର ପୁର ଗ୍ରାମରେ ଥିବା ସବାଇ ଘାଷ ଚାଷ କ୍ଷେତ୍ରରେ କାମ କରୁଥିବା ଜଣେ ଶ୍ରମିକଙ୍କୁ କୋଦାଳ ବେଣ୍ଟରେ ଛେଚି ହତ୍ୟା କରାଯାଇଛି। ମୃତ ଶ୍ରମିକ ହେଲେ ସେହି ଗ୍ରାମର ମନୋରଞ୍ଜନ ମହାନ୍ତ(୫୫)। ଏନେଇ ବେତନଟୀ ଥାନାରେ ଏକ ହତ୍ୟା ମାମଲା(ନଂ.୨୧୦/୧୯) ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ବୁଧବାର ସବାଇ ଘାଷ ଚାଷ ପଡ଼ିଆରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ଅପରାହ୍ନ ୨ଟା ପରେ ସେମାନେ ଖାଇବାକୁ ଯାଇଥିଲା ବେଳେ ମନୋରଞ୍ଜନ କାର୍ଯ୍ୟ କ୍ଷେତ୍ରରେ ରହି ଯାଇଥିଲେ। ଏହି ସମୟରେ ତାଙ୍କୁ କେହି କୋଦାଳ ବେଣ୍ଟରେ ଛେଚି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ କେସିପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ରଣଜିତ ଘଟଣାର ତଦନ୍ତ କରୁଛନ୍ତି। ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ଥାନାକୁ ଡକାଇ ପଚରାଉଚରା ଚାଲିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

# ଗୁଳି ଫୁଟାଇ ଫାଇନାନ୍ସ କର୍ମଚାରୀଙ୍କୁ ଲୁଟ୍ ଉଦ୍ୟମ


ଲୁଟ୍ ଉଦ୍ୟମ ପରେ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଓ ଜମା ହୋଇଥିବା ଲୋକେ।

**ବାହାନଗା/ସୋର, ୨୭।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନାୟକ ବନ୍ଧ ଛକରେ ବୁଧବାର ମଧ୍ୟାହ୍ନରେ ୩ ଜଣ ଡକାୟତ ବାଇକ୍‌ରେ ଆସି ଗୁଳି ଫୁଟାଇ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଉଦ୍ୟମ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଡକାୟତମାନେ ଘଟଣାସ୍ଥଳରେ ୫ ରାଉଣ୍ଡ ଗୁଳି ଫୁଟାଇଥିବା କୁହାଯାଉଛି। ଗୁଳିକାଣ୍ଡ ବେଳେ ଭୟଭୀତ ହୋଇ ଫାଇନାନ୍ସ କମ୍ପାନୀ କର୍ମଚାରୀ ତଳେ ପଡିଯାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଆସି ପହଞ୍ଚିଯିବାରୁ ଡକାୟତମାନେ ଟଙ୍କା ଲୁଟି ନେଇ ନ ପାରି କଳା ପଲସର ସମେତ ଅନ୍ୟ ଜଣେ ବାଇକ୍ ଆରୋହୀଙ୍କ ଗାଡି ଛଡାଇନେଇ୧୬ ନମ୍ବର ଜାତୀୟ ରାଜପଥ ଆଡକୁ ପଳାଇଯାଇଥିଲେ। ଖବର ପାଇ ଏସ୍‌ଡିପିଓ ପ୍ରଭାଷ ଚନ୍ଦ୍ର ପାଲ ଘଟଣାସ୍ଥଳକୁ ଆସି ତଦନ୍ତ କରୁଛନ୍ତି।

ଉଲ୍ଲେଖନୀୟ ଯେ, ସୋର ସ୍ଥିତ ଏକ ଫାଇନାନ୍ସ କମ୍ପାନୀ ଶାଖା କର୍ମଚାରୀ ସନ୍ତୋଷ କୁମାର ସାହୁ ଅନ୍ୟ ଜଣେ ସହକର୍ମୀଙ୍କ ସହ ଦାଣ୍ଡହରିପୁର ଅଞ୍ଚଳକୁ ଯାଇ ଗ୍ରୁପ୍ ସଦସ୍ୟାଙ୍କଠାରୁ ପ୍ରାୟ ଦେଢ ଲକ୍ଷ ଟଙ୍କା ଆଦାୟ କରିଫେରୁଥିଲେ। ୩ ଜଣ ଡକାୟତ ଏକ କଳା ରଙ୍ଗର ପଲସର୍ ବାଇକ୍‌ରେ ସେମାନଙ୍କୁ ପିଛା କରି ନାୟକ ବନ୍ଧ ଛକରେ ଅଟକାଇଥିଲେ। ପରେ ଚଳାଇଥିବା ୫ ରାଉଣ୍ଡ ଗୁଳି ମଧ୍ୟରୁ ଗୋଟିଏ ଗୁଳି ଫାଇନାନ୍ସ କର୍ମଚାରୀଙ୍କ ବାଇକ୍‌ରେ ବାଜିଥିବା କୁହାଯାଉଛି। ଏ ନେଇ ପୋଲିସ ତନାଘନା ଜାରି ରଖିଛି।

# ଚାନ୍ଦା ନ ଦେବାରୁ ଡ୍ରାଇଭରଙ୍କୁ ମାଡ଼: ୩ ଗିରଫ

**ଚାନ୍ଦବାଲି,୨୭।୧୧(ଡି.ଏନ.ଏ.)**

ଭଦ୍ରକ-ଚାନ୍ଦବାଲି ରାସ୍ତାରେ ମାଲବାହୀ ଟ୍ରକ ଡ୍ରାଇଭରଙ୍କୁ ଚାନ୍ଦା ମାଗିବା ଏବଂ ନ ଦେବାରୁ ମାଡ଼ ମାରିବା ଅଭିଯୋଗରେ ଚାନ୍ଦବାଲି ପୋଲିସ ବୁଧବାର ୩ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଚାନ୍ଦବାଲି ଥାନାରେ ଏକ ମାମଲା(ନଂ.୨୯୮/୧୯) ରୁଜୁ ହୋଇଛି। ଆକମ୍ରଣର ଶିକାର ହୋଇଥିବା ୪ ଡ୍ରାଇଭରଙ୍କ ଘର ବିହାର ରାଜ୍ୟରେ ବୋଲି ଜଣାପଡ଼ିଛି।

ଚାନ୍ଦବାଲିରେ ମେଗା ପାନୀୟଜଳ ଯୋଗାଣ ପାଇଁ ବୁଧବାର ପୂର୍ବାହ୍ନରେ ଟ୍ରକରେ ଲୁହା ପାଇପ୍ ଆସୁଥିଲା। ଉକ୍ତ ୩ ଯୁବକ ଚାନ୍ଦବାଲି ସହର ଉପକଣ୍ଠ ତାରିଣୀ ଛକରେ ଟ୍ରକ ଅଟକାଇ ଡ୍ରାଇଭରଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ସେଥିରେ ଅରାଜି ହେବାରୁ ସେମାନେ ଜଣେ ଡ୍ରାଇଭରଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏଥିସହ ସେମାନେ ୪ ଟ୍ରକ ଡ୍ରାଇଭରଙ୍କୁ ମାଡ଼ ମାରିବା ସହିତ ଗାଡ଼ି କାଚ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ଡ୍ରାଇଭରଙ୍କ ମୁଣ୍ଡ ଫାଟିଯାଇଛି। ଖବର ପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଏ ନେଇ ମାମଲା ରୁଜୁ କରି ଡ୍ରାଇଭରଙ୍କ ବୟାନ ଅନୁସାରେ ୩ ଯୁବକଙ୍କୁ ଚିହ୍ନଟ କରିଥିଲା।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ‘ଅକଳରେ ଅର୍ଥନୀତି’

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ ‘ଅକଳରେ ଅର୍ଥନୀତି’। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ବାଲେଶ୍ୱର/କେନ୍ଦୁଝର:** ଆଲୋକ ପ୍ରସାଦ କାନୁନ୍‌ଗୋ (୮୨୪୯୫୮୪୦୧୦), **ଭଦ୍ରକ:** ଦେବରାଜ ସାମଲ (୯୩୩୭୩୫୫୦୫୫), **ମୟୂରଭଞ୍ଜ:** ଯଶୋବନ୍ତ ମହାନ୍ତ (୯୩୩୭୬୮୯୪୯୪)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

# ‘ଭିନ୍ନକ୍ଷମଙ୍କ ପ୍ରତି ସମ୍ବେଦନଶୀଳତା ପରିବର୍ତ୍ତନ ଆଣିପାରିବ’



ଭିନ୍ନକ୍ଷମ ଆୟୋଗ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ,୨୭।୧୧**

ବାଲେଶ୍ୱର ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ରାଜ୍ୟ ଭିନ୍ନକ୍ଷମ ଆୟୋଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭିନ୍ନକ୍ଷମ ଆୟୋଗର ଆୟୁକ୍ତ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଲାଗି ଉଦ୍ଦିଷ୍ଟ ସରକାରୀ ଯୋଜନାର ସୁଫଳ ସେମାନଙ୍କ ନିକଟରେ ପହଞ୍ଚାଇବା ଲାଗି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମମାନଙ୍କ ଅଧିକାର ପ୍ରତି ସମସ୍ତେ ସାମାନ୍ୟ ସମ୍ବେଦନଶୀଳ ହେଲେ ଅନେକ ପରିବର୍ତ୍ତନ ଆସିପାରିବ ବୋଲି ସେ ମତ ରଖିଥିଲେ।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ବିଦ୍ୟାଳୟଗୁଡ଼ିକରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଚିହ୍ନଟ କରି ଜିଲାରେ ୧୨୦୯ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଓ ଅନ୍ୟ ସହଯୋଗୀ ଉପକରଣ ଯୋଗାଇ ଦେବା ପ୍ରସ୍ତାବ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପରାମର୍ଶଦାତା ପି.ଆର. ଦାସ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ-୨୦୧୬ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି ବିଭିନ୍ନ ସରକାରୀ ସୁବିଧା ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ଅତିରିକ୍ତ ଏସ୍‌ପି ଗୋବିନ୍ଦ ସେଠୀ ମଞ୍ଚାସୀନ ଥିଲେ। ଏଥିରେ ଜିଲାସ୍ତରୀୟ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବିଭିନ୍ନ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥାର ପରିଚାଳକ, ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ପରିଚାଳକ ଦିବାକର ସ ଏବଂ ସ୍ୱେଚ୍ଛାସେବୀ ଗୋପାଳ କର ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୬୯ ହଜାର ଲୁଟ୍

ଯୋଡ଼ା, ୨୭।୧୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ସହରରେ ଥିବା ସୁଜୁକି ବାଇକ୍ ସୋରୁମ୍ ସମ୍ମୁଖରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୬୯ ହଜାର ଟଙ୍କା ଲୁଟ୍ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ରାତି ୮ଟାରେ ବଡବିଲ ଅଞ୍ଚଳର ଦ୍ୱାରିକା ପ୍ରସାଦ ଶର୍ମା ବିଭିନ୍ନ ଗ୍ରୋସରୀ ଦୋକାନରୁ ବାକି ଥିବା ଟଙ୍କା ଆଦାୟ କରିବା ପାଇଁ ବାଇକ୍ ଯୋଗେ ଯୋଡା ଆସିଥିଲେ। ଆଦାୟ କରିବା ପରେ ଉକ୍ତ ଟଙ୍କାକୁ ସେ ବାଇକ୍ ଡିକିରେ ରଖିଥିଲେ। ପରେ ସେ ତାଙ୍କ ବାଇକ୍‌ଟି ରଖି ରାସ୍ତାର ଅନ୍ୟପାର୍ଶ୍ୱକୁ କୌଣସି କାମରେ ଯାଇଥିଲେ। ସେଠାରୁ କିଛି ସମୟ ପରେ ଫେରିବା ପରେ ତାଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ୬୯ହଜାର ଟଙ୍କା ନ ଥିବା ସେ ଦେଖିବାକୁ ପାଇଥିଲେ। ଏହି ଟଙ୍କା ନ ଥିବା ନେଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଡିକି ଭାଙ୍ଗି ଟଙ୍କା ଲୁଟ୍ କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୨୦୭/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଫୁଟ୍‌ପାଥ ସାଜିଛି ପରିବା ବିକାଳିଙ୍କ ପିଣ୍ଡି

କେନ୍ଦୁଝର, ୨୭।୧୧(ଡି.ଏନ୍.ଏ.)-କେନ୍ଦୁଝର ସହର ଅନେକ ଫୁଟପାଥ ବ୍ୟବସାୟୀମାନଙ୍କ କବ୍‌ଜାକୁ ଚାଲି ଗଲାଣି। ଫଳରେ ନିରାପଦ ପାଦଚଲା ରାସ୍ତାଟିଏ ସହରରେ ଦେଖିବାକୁ ମିଳୁନାହିଁ। ଏପରିକି ପୋଲିସ ମୁଖ୍ୟାଳୟକୁ ଲାଗି ରହିଥିବା ଏକ ଫୁଟପାଥକୁ ପରିବା ବିକାଳିମାନେ ପିଣ୍ଡି ଭାବେ ବ୍ୟବହାର କରୁଥିବାରୁ ଏଠାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ପରିବା ବିକାଳିମାନେ ପାଦଚଲା ରାସ୍ତାକୁ ନିଜ ଜବରଦଖଲରେ ରଖିଛନ୍ତି। ପରିବା କିଣିବାକୁ ଆସୁଥିବା ଲୋକେ ଗାଡି ମୋଟର ରଖି ପରିବା କିଣୁଥିବାରୁ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ବ୍ୟାପାର ହୋଇଛି। ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଦଚଲା ରାସ୍ତାରେ ଟାଇଲ ବିଛାଇଛି। କିନ୍ତୁ ଏହାର ସୁଫଳ ସାଧାରଣ ଲୋକେ ନ ପାଇ ବ୍ୟବସାୟୀମାନେ ପାଉଛନ୍ତି। ପରିବା ବିକାଳିମାନଙ୍କ ପାଇଁ ରାହାସ ପୂଜା ମାର୍କେଟ, କୃଷକ ବଜାର ଥିଲେ ମଧ ସେମାନେ ସେଠାକୁ ନ ଯାଇ ପାଦଚଲା ରାସ୍ତାକୁ ବନ୍ଦ କରି ବ୍ୟବସାୟ ଚଳାଇଛନ୍ତି। ପ୍ରଶାସନ ଏଥି ପ୍ରତି ଧ୍ୟାନ ଦେଇ ଫୁଟପାଥକୁ ଜବର ଦଖଲ ମୁକ୍ତ କରିବାକୁ ସହରବାସୀ ଦାବି ଜଣାଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନିଆରା ବାଲିଠାକୁରାଣୀ ପୂଜା
# ଦେଉଛି ସଦ୍‌ଭାବନା ଓ ସହଯୋଗର ବାର୍ତ୍ତା

ଶୁଭକାନ୍ତ ନାୟକ
ହାଟଡିହୀ, ୨୭।୧୧

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ସୁଲଣ ଓ ଜଳସରପୁର ଗ୍ରାମରେ ୫ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ମା' ବାଲିଠାକୁରାଣୀଙ୍କ ପୂଜା ଅଞ୍ଚଳବାସୀଙ୍କ ମନରେ ନିଆରା ସାଂସ୍କୃତିକ ଚେତନା ସୃଷ୍ଟି କରିଆସିଛି। ଚଳିତବର୍ଷ ୯ ଦିନ ଧରି ଆୟୋଜିତ ହୋଇଥିବା ଏହି ପୂଜା ଲାଗି ସାରା ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ମୀନାବଜାର ସାଙ୍ଗକୁ ଭଜନ, କୀର୍ତ୍ତନ, ମେଲୋଡି, ପ୍ରବଚନ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତି, ସଦ୍‌ଭାବନା ଓ ସହଯୋଗର ବାର୍ତ୍ତା ଦେଇଆସୁଥିବା ଏହି ପୂଜାର ନିଆରା ପରମ୍ପରା ରହିଛି। ପ୍ରାୟ ୨୦୦ବର୍ଷ ତଳେ ପ୍ରଥମେ ଏହି ପୂଜା ଆରମ୍ଭ ହୋଇଥିବା ଜନଶ୍ରୁତି ରହିଛି।

୫ବର୍ଷ ପରେ ଏଥର ବାଲିଠାକୁରାଣୀ ପୂଜା ପଡ଼ିଥିବାରୁ ଏଥିପାଇଁ ପୂର୍ବରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ପୂଜାର ପ୍ରଥମ ଦିନରେ ଗାଁଠାରୁ ପ୍ରାୟ ୭ କି.ମି. ଦୂର ପୂଣ୍ୟତୋୟା ବୈତରଣୀ ନଦୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ବାଲି ଅଣାଯାଇଥିଲା। ଏହାପରେ ମା'ଙ୍କ ଆସ୍ଥାନର ଦୁଇ ପାର୍ଶ୍ୱରେ ଦୁଇଟି



ମା' ବାଲିଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଘୋଡା ଯୋଚା ଯାଇ ବାଲି, ଫୁଲ, ଖଡ୍ଡୁ ଓ ବେତକୁ ରଖି ପୂଜା କରାଯାଇଥିଲା। ପ୍ରଥମଦିନରୁ ଶେଷଦିନ ଯାଏ ମା'ଙ୍କ ନିକଟରେ ପ୍ରତ୍ୟେକ ସକାଳେ ବିଧି ଅନୁଯାୟୀ ପୂଜାକାର୍ଯ୍ୟ କରାଯାଇଥିଲା। ନାଲିମନ୍ଦାର ଫୁଲ ସାଙ୍ଗକୁ ନାଲି ଓ କଳାଝିମିରୀ ଶାଢୀ ମା'ଙ୍କର ଅତିପ୍ରିୟ। ପୂର୍ବରୁ ମା'ଙ୍କ ନିକଟରେ ବୋଦା ଓ କୁକୁଡା ବଳି ଦିଆଯାଉଥିଲା। ଏବେ ନଡିଆ, କଦଳୀ, ଖଇ, ଉଖୁଡା, କ୍ଷୀର, ଗୁଡ ଆଦି ଭୋଗ ଲାଗି ହେଉଛି। ପୂଜାର ଷଷ୍ଠୀଦିନ କୁରୁମ ଓ ଗନ୍ଧିପଳାସ ଗଛର ଡ଼ାଳ କାଟି ମା'ଙ୍କ ନିକଟରେ ରଖି ପୂଜାର୍ଚ୍ଚନା କରାଯାଇଥିଲା। ୯ମ ଦିନ ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମନସ୍କାମନା ପୂରଣ ଲାଗି ନିଆଁରେ ଚାଲିବା ସହ କଣ୍ଟାପିଢ଼ାରେ ବସି ଭକ୍ତିଭାବନା ପ୍ରଦର୍ଶନ କରିଥିଲେ।

ଉଲ୍ଲେଖନୀୟ ଯେ, ଜଳସରପୁର ଠାରେ ହେଉଥିବା ପୂଜାରେ ପ୍ରହ୍ଲାଦ ନାଏକ, ହରିହର ଦେହୁରୀ, ମୋହନ ଦେହୁରୀ ପୂଜାକାର୍ଯ୍ୟ କରୁଥିବା ବେଳେ ମୂଖ୍ୟପୂଜକ ଭାବେ ପରିକ୍ଷିତ ନାଏକ ଏହାର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ସେହିପରି ସୁଲଣ ଗ୍ରାମରେ ପୂଜା ପରିଚାଳନା କମିଟି ସମସ୍ତ ଦାୟିତ୍ୱ ତୁଲାଉଥିବା ବେଳେ ମୂଖ୍ୟ ପୂଜକ ଭାବେ ବୈଷ୍ଣବ ବେହେରା ଓ ତାଙ୍କ ଝିଅ କନକ ଦେହୁରୀ ମା'ଙ୍କ ପୂଜାକାର୍ଯ୍ୟ କରିଥାନ୍ତି। ପୂଜା ଶେଷଦିନ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହେଉଥିବା ବେଳେ ଦୁଃଖୀରଙ୍କିଙ୍କୁ ବସ୍ତ୍ରଦାନ କରାଯାଇଥାଏ।

ପ୍ରତ୍ୟେକ୍ଷ ଦେବୀ ରୂପେ ମା' ବାଲିଠାକୁରାଣୀ ବେଶ୍ ବିଖ୍ୟାତ ଅଟନ୍ତି। ଏଠାରେ ଯିଏ ଯାହା ମାନସିକ କରିଥାଏ ମା' ସକଳ କାମନା ପୂରଣ କରିଥାନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗାଁ ପୋଖରୀରୁ ମାଛଚାଷ ଦ୍ୱାରା ସଞ୍ଚିତ ଅର୍ଥ ଓ ଦୁଇ ଗାଁର ପ୍ରତ୍ୟେକ ପରିବାର ଠାରୁ ଅର୍ଥ ସାହାଯ୍ୟକୁ ନେଇ ପାରମ୍ପାରିକ ରୀତିନୀତିରେ ବାଲିଯାତ୍ରା ପର୍ବଟିକୁ ଦୁଇ ଗାଁ ମଧ୍ୟରେ ପୃଥକ ଭାବେ ଅନୁଷ୍ଠିତ କରାଯାଇଥାଏ ବୋଲି ୧୦୨ବର୍ଷର ବୃଦ୍ଧ ଦୁଃଖା ପଲେଇ ପ୍ରକାଶ କରିଛନ୍ତି। ଏହି ୯ଦିନର ପର୍ବ ମଧ୍ୟରେ ମୀନାବଜାର, ଦୋଳି ସହିତ ଭଳିକି ଭଳି ଦୋକାନମାନଙ୍କର ଭିଡ଼ ଦେଖିବାକୁ ମିଳେ। ଏହି ଗଣପର୍ବରେ ଉକ୍ତ ଦୁଇ ଗାଁ ସହ ଅନ୍ୟ ପାଖଆଖ ଗାଁର ପ୍ରତ୍ୟେକ ଘରମାନଙ୍କୁ ବନ୍ଧୁବାନ୍ଧବ ଆସିଥାନ୍ତି। ମା' ବାଲିଠାକୁରାଣୀଙ୍କୁ ଦର୍ଶନ କରିବା ସହ ୯ଦିନ ଧରି ବାଲିଯାତ୍ରାକୁ ମନଭରି ଉପଭୋଗ କରିଥାନ୍ତି। ୫ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ପାରମ୍ପରିକ ପର୍ବଟିକୁ ଜିଲା ପ୍ରଶାସନ ଦୃଷ୍ଟି ପକାଇଲେ ଏହା ଦୀର୍ଘଦିନ ଧରି ଅନୁଷ୍ଠିତ ହୋଇପାରନ୍ତା ବାଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

## ପାନୀୟଜଳ ଯୋଗାଣ ଯୋଜନାରେ ଅନିୟମିତତା

ଆନନ୍ଦପୁର, ୨୭।୧୧(ସ୍ୱ.ପ୍ର.)

ଲୋକମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ କେତେକାଂଶରେ ଦୂର କରିବା ପାଇଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଏହାକୁ ଉତ୍ତମ ଭାବେ ବଣ୍ଟନ କରିବା ପାଇଁ ସରକାରୀ ସ୍ତରରେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରାଯାଉଛି। ହେଲେ ଶୁଦ୍ଧ ପାନୀୟ ଜଳର ସୁବିନିଯୋଗ ହୋଇପାରୁ ନ ଥିବାବେଳେ ବ୍ୟାପକ ଅର୍ଥ ଅନିୟମିତତା ହେଉଥିବା ଘଟଣା ଆଲୋଚନାର ମୁଖ୍ୟ ବିଷୟ ସାଜିଛି। କେନ୍ଦୁଝର ଜିଲା ଆନନ୍ଦପୁର ଜନସ୍ୱାସ୍ଥ୍ୟ ଓ ଜଳଯୋଗାଣ ବିଭାଗ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ମିଳିଥିବା ସୂଚନା ମୁତାବକ, ଆନନ୍ଦପୁର ପୌରପରିଷଦରେ ଥିବା ୧୬ ଗୋଟି ୱାର୍ଡରେ ପାଇପ୍ ବିଛାଯାଇ ଉତ୍ତମ ପାନୀୟ ଜଳ ସେବା ଯୋଗାଇଦେବା, ପମ୍ପ ଘର ନିର୍ମାଣ ସହିତ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ୩ କୋଟି ଟଙ୍କା ଅର୍ଥ ବ୍ୟୟ ବରାଦ ହୋଇଥିଲା। ତେବେ ଏହି ଦାୟିତ୍ୱ ନେଇଥିବା ଏକ ଠିକାଦାର ସଂସ୍ଥା ପାଇପ୍ ବିଛାଇବା କାର୍ଯ୍ୟରେ ନାନା ଅନିୟମିତତା କରିବା ସତ୍ତ୍ୱେ କୌଶଳ କ୍ରମେ ବିଲ୍ ଉଠାଣ କରିନେଇଥିବା ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ଠିକା କର୍ମଚାରୀ ପ୍ରକୃତରେ ବିଭାଗ ନିକଟରେ ନିୟୋଜିତ ହୋଇନଥିବା ସ୍ଥଳେ ସେମାନଙ୍କ ନାମରେ ପ୍ରତିମାସ ଦରମା ମିଳିବା ସହିତ ୨୦୧୬ ମସିହାରୁ ପ୍ରତିମାସ ଇପିଏଫ ବାବଦକୁ ଅଦ୍ୟାବଧି ଅର୍ଥ କଟାଯାଉଥିବା ଘଟଣା ନଜରକୁ ଆସିଛି। ଏନେଇ ଉଚ୍ଚ ବିଭାଗୀୟ ସ୍ତରରେ ବିଧିବଦ୍ଧ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ଆନନ୍ଦପୁରର ବୁଦ୍ଧିଜୀବୀମାନେ ମତଦେଇଛନ୍ତି।

## ଖାଲିପଡ଼ିଛି ସମିତିସଭ୍ୟ ପଦବୀ

ପାଟଣା, ୨୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତର ସମିତିସଭ୍ୟ ପଦବୀ ଦୀର୍ଘ ୬ ମାସ ରୁ ଉର୍ଦ୍ଧ୍ୱ ସମୟ ହେବ ଖାଲି ପଡ଼ିଛି। ଗତ ମେ' ମାସ ୨୩ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ପରେ ସେବେ ଠାରୁ କଣ୍ଟିଆପଡା ପଞ୍ଚାୟତର ସମିତିସଭ୍ୟ ପଦବୀ ଖାଲି ପଡ଼ିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଅନେକ ସ୍ଥାନରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରତିନିଧି ସକାଶେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ପାଟଣା ବ୍ଲକର କଣ୍ଟିଆପଡା ପଞ୍ଚାୟତରେ ଉପନିର୍ବାଚନ ହୋଇ ନ ଥିବା ଜଣାପଡ଼ିଛି। ଏଥି ପାଇଁ ଏଯାବତ କୌଣସି ବିଧିବଦ୍ଧ ନିର୍ବାଚନ ସକାଶେ କୌଣସି ବିଜ୍ଞପ୍ତିମଧ୍ୟ ପ୍ରକାଶ ପାଇ ନଥିବାରୁ ଏହି ପଦବୀର ଉପନିର୍ବାଚନ ଓ ପାଟଣା ବ୍ଲକର ସ୍ଥାୟୀ ଅଧ୍ୟକ୍ଷ ପଦ ପାଇଁ ଲୋକଙ୍କ ମନରେ ଉତ୍କଣ୍ଠା ଦେଖାଦେଇଛି। ନିର୍ବାଚନ ଯେତିକି ବିଳମ୍ବ ହେଉଛି ଆଶାୟୀ ବ୍ଲକ ଅଧ୍ୟକ୍ଷଙ୍କ ଦାବିଦାରଙ୍କ ସଂଖ୍ୟା ସେତିକି ଅଧିକ ବୃଦ୍ଧି ପାଉଛି।

## ୬ ଡମ୍ପରରୁ ୬୦ ମେଟ୍ରିକ ଟନ ଲୁହାପଥର ଜବତ



ଜବତ ହୋଇଥିବା ୬ ଲୁହାପଥର ବୋଝେଇ ଟ୍ରକ।

ବଡବିଲ, ୨୭।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୋଲିସ ମଙ୍ଗଳବାର ରାଜ୍ୟ ସୀମାନ୍ତ ନାଲଦା ଠାରେ ଚଢାଉ କରି ଦିନବେଳେ ଝାଡଖଣ୍ଡ ରାଜ୍ୟକୁ ଚୋରାଚାଲାଣ ହେଉଥିବା ୬୦ ମେଟ୍ରିକ ଟନ ସାଇଜ ଲୁହାପଥର ବୋଝେଇ ୬ଟି ଡମ୍ପରକୁ ଜବତ କରିଛି। ଏହି ଘଟଣାରୁ ଖଣିଜ ପଥର ଚୋରାଚାଲାଣ ଥମୁ ନାହିଁ। ସୂଚନା ଅନୁଯାୟୀ, ବାମେବାରୀ ଥାନା ଅନ୍ତର୍ଗତ ଏକ ଖଣିରୁ ସାଇଜ ଲୁହାପଥର ବୋଝେଇ ହୋଇ ଅନଲୋଡ ନିମନ୍ତେ ବାହାରିଥିଲା। ହେଲେ ଗନ୍ତବ୍ୟସ୍ଥଳ ପରିବର୍ତ୍ତେ ଲୁହାପଥର ବୋଝେଇ ଡମ୍ପର ଗୁଡିକ ଯୋଡା ଥାନା ଓ ବଡବିଲ ଥାନା ଅଞ୍ଚଳ ଦେଇ ଝାଡଖଣ୍ଡ ରାଜ୍ୟ ଅଭିମୁଖେ ଛୁଟିଥିଲା। କୌଣସି ସୂତ୍ରରୁ ଖବର ପାଇ ବଡବିଲ ଥାନା ପୋଲିସ ସହାୟତାରେ ଏସଡିପିଓ ସତ୍ୟବିକାଶ ଭୂୟାଁ ଉକ୍ତ ଗାଡି ଗୁଡିକୁ ଧରିବାକୁ ରାଜ୍ୟ ସୀମାନ୍ତ ନାଲଦାରେ ଚଢାଉ କରିଥିଲେ। ପୋଲିସକୁ ଦେଖି ଡମ୍ପର ଛାଡି ଡ୍ରାଇଭରମାନେ ଖସିପଳାଇଥିବାବେଳେ ପୋଲିସ ଉକ୍ତ ଡମ୍ପର ଗୁଡିକୁ ଥାନାକୁ ଆଣି ଯାଞ୍ଚ କରିଥିଲେ। ଏହା ଝାଡଖଣ୍ଡ ରାଜ୍ୟକୁ ଚୋରାଚାଲାଣ ହେଉଥିବା ଜଣାପଡିଥିଲା। ପୋଲିସ ଉକ୍ତ ଡମ୍ପର ଗୁଡିକୁ ଜବତ କରି ତଦନ୍ତ ଜାରି ରଖିଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ସମ୍ବିଧାନ ପ୍ରଣୟନ ଦିବସ

ଝୁମ୍ପୁରା, ୨୭।୧୧(ଡି.ଏନ.ଏ.)

ଅର୍ଶଳା ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଅବସ୍ଥିତ ନେତାଜୀ ଯୁବ ସଂଘର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସମ୍ବିଧାନ ପ୍ରଣୟନ ଦିବସ-୨୦୧୯ ପାଳିତ ହୋଇଯାଇଛି। ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ୧୭ନଂ ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରାଙ୍କ ସହିତ ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ତାପସ ନାଏକ, ଶିକ୍ଷକ ନିରାକାର ବେହେରା, ଗ୍ରାମବାସୀ, କ୍ଲବ ସଦସ୍ୟ ଉପସ୍ଥିତ ଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

ତେଲକୋଇ, ୨୭।୧୧(ଡି.ଏନ.ଏ.)

ତେଲକୋଇ ବନଖଣ୍ଡ ଅଧୀନ ଆକୁଳ କେନ୍ଦୁପତ୍ର ରେଞ୍ଜ ଅଫିସ ପ୍ରାଙ୍ଗଣରେ ବୁଧବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ମାନଙ୍କ ପାଇଁ ଏହି ଚିକିତ୍ସା ଶିବିରରେ ୩ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କର ଆଖି ପରୀକ୍ଷା କରାଯିବା ସହିତ ମାଗଣାରେ ଚଷମା ଓ ଔଷଧ ବଣ୍ଟନ କରାଯାଇଥିଲା। ଜିଲା ଚିକିତ୍ସାଳୟରୁ ଚକ୍ଷୁ ବିଶେଷଜ୍ଞ ଡାଃ ରଶ୍ମୀ ରଞ୍ଜନ ଭଞ୍ଜଙ୍କ ସହିତ ରମେଶ ଚନ୍ଦ୍ର ବେଉରା, ରବୀନ୍ଦ୍ର ଦାଶ, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ପରୀକ୍ଷା କରିଥିଲେ। ଏହି ଶିବିରରେ କେନ୍ଦୁଝର ବନଖଣ୍ଡର ଅଧିକାରୀ ଏସଡିଏଫଓ ସୀତାରାଣୀ ପ୍ରସାଦ ପଟ୍ଟନାୟକ, କାମାକ୍ଷା ନଗରର ଏସିଏଫ ମାନସ ରଞ୍ଜନ ପରିଡା, ତେଲକୋଇ ବ୍ଲକ ମୁଖ୍ୟାଳୟର ରେଞ୍ଜର ଗିରିଜା ପ୍ରଶାଦ ମିଶ୍ର ଅନ୍ତର୍ଭୁକ୍ତ ରହିଥିଲେ।

## ରେଳବାଇ ପକ୍ଷରୁ ଟୋଲ୍ ଫ୍ରି ନଂ. ୧୮୨ ସଚେତନତା



ରେଳବାଇ ପୋଲିସ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି।

କେନ୍ଦୁଝର, ୨୭।୧୧ (ସ୍ୱ.ପ୍ର.)

ରେଳବାଇ ସୁରକ୍ଷା ବଳ, କେନ୍ଦୁଝରଗଡ ରେଳଷ୍ଟେସନ ପକ୍ଷରୁ ଟୋଲ ଫ୍ରି ନମ୍ବର ୧୮୨ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ସୁରକ୍ଷାକର୍ମୀ ମାନେ ଇନ୍ସପେକ୍ଟର ଅମରେଶ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗମ୍ଭାରିଆ ଓ ବୋଦାପଳସା ଗ୍ରାମରେ ଲୋକଙ୍କୁ ଟୋଲ ଫ୍ରି ନମ୍ବରର ବ୍ୟବହାର ଉପରେ ସଚେତନ କରିଥିଲେ। ରେଳଯାତ୍ରା ସମୟରେ କୌଣସି ସମସ୍ୟା ଦେଖାଦେଲେ ଏହି ନମ୍ବରରେ ରେଳବାଇ ପୋଲିସଙ୍କୁ ଯୋଗାଯୋଗ କରାଯାଇପାରିବ ଏବଂ ସମସ୍ତ ସୂଚନା ଦିଆଯାଇପାରିବ ବୋଲି କୁହାଯାଇଥିଲା। ସେହିପରି ସନ୍ଦିଗ୍ଧ ବ୍ୟକ୍ତି ବା ଅସାମାଜିକ ବ୍ୟକ୍ତିଙ୍କ ବିଷୟରେ ସୂଚନା ଦେଇପାରିବେ ବୋଲି କାର୍ଯ୍ୟକ୍ରମରେ ପ୍ରକାଶ କରାଯାଇଥିଲା।

## 'ଆମ ତହସିଲ ଆମ ଗାଁରେ'

ଚମ୍ପୁଆ, ୨୭।୧୧(ଡି.ଏନ.ଏ.)

ଚମ୍ପୁଆ ରାଜସ୍ୱ ବିଭାଗ ଅଧୀନରେ ଥିବା ଜାମୁଦଳକ ପଞ୍ଚାୟତର ସାତହଳିଆଠାରେ ଚମ୍ପୁଆ ତହସିଲ ପକ୍ଷରୁ 'ଆମ ତହସିଲ ଆମ ଗାଁରେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକଙ୍କ ବିଭିନ୍ନ ରାଜସ୍ୱ ବିଭାଗ ସଂକ୍ରାନ୍ତୀୟ କାର୍ଯ୍ୟ ସମାଧାନ କରାଯାଇଥିଲା। ଜନସାଧାରଣଙ୍କ ସୁବିଧା ନିମନ୍ତେ ତଥା ବିନା ଅର୍ଥ ଅପଚୟରେ ପୂର୍ବରୁ ତହସିଲଗୁଡିକରେ ହେଉଥିବା କାର୍ଯ୍ୟଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇ ଏହାର ସମାଧାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ୫ ଗୋଟି ଶୁଣାଣି ହୋଇଛି। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ତହସିଲଦାର ପଟେଲ ମାମଲାଗୁଡିକର ଫଇସଲା କରିଥିଲେ।

## ଟ୍ରକରୁ ବେଆଇନ ଚାନ୍ଦା ଆଦାୟ ନେଇ ଥାନାରେ ଅଭିଯୋଗ

ଯୋଡ଼ା ୨୭।୧୧(ଡି.ଏନ.ଏ.)

ଦେଓଝର ପଞ୍ଚାୟତ କାଟାମାଟି ଲୌହ ଖଣିରେ ପରିବହନ କାର୍ଯ୍ୟ କରୁଥିବା ଟ୍ରକ ଗୁଡିକରୁ କେତେକ ଅସାମାଜିକ ଯୁବକ ଜବରଦସ୍ତ ବେଆଇନ୍ ଚାନ୍ଦା ଆଦାୟ କରୁଥିବା ନେଇ ଯୋଡା ଟ୍ରକ ଓନର ଆସୋସିଏଶନର କେତେଜଣ ସଦସ୍ୟ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୋଡା ଟ୍ରକ ଓନର ଆସୋସିଏଶନରେ ପଞ୍ଜୀକୃତ ଥିବା ସେମାନଙ୍କର ଟ୍ରକ ଗୁଡିକ ଦୀର୍ଘ ୬ମାସ ହେବ ଉକ୍ତ ଲୌହ ଖଣିରେ ପରିବହନ କାର୍ଯ୍ୟ କରୁଛନ୍ତି। ମାତ୍ର ଗତ କିଛି ଦିନ ହେବ କେତେ ଜଣ ଅସାମାଜିକ ଯୁବକ ଲୋଡିଂ ପାଇଁ ଟ୍ରକ ଗୁଡିକରୁ ଜବରଦସ୍ତ ବେଆଇନ୍ ୧ହଜାର ଟଙ୍କା ଚାନ୍ଦା ମାଗୁଛନ୍ତି। ଗାଡି ମାଲିକମାନେ ଟଙ୍କା ନଦେବାରୁ ଉକ୍ତ ଅସାମାଜିକ ଯୁବକମାନେ ବାହାର ଅଞ୍ଚଳର ତଥା ଅଣପଞ୍ଜୀକୃତ ଗାଡି ଗୁଡିକରୁ ୧ହଜାର ଟଙ୍କା ଚାନ୍ଦା ନେଇ ଖଣିଜ ଲୋଡିଂ କରିବା ପାଇଁ ଛାଡୁଛନ୍ତି। ଫଳରେ ସେମାନଙ୍କର ଟ୍ରକ ଗୁଡିକ ୩ରୁ ୪ ଦିନ ହେବ ପରିବହନ କାର୍ଯ୍ୟରୁ ବଞ୍ଚିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ସଂପୃକ୍ତ ଟ୍ରକ ମାଲିକମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଘଟଣାର ପ୍ରତିବାଦ କରିବାରୁ ସେମାନଙ୍କୁ ସ୍ଥାନୀୟ ଯୁବକ ଏବଂ ଝାଡଖଣ୍ଡ ରାଜ୍ୟର କେତେକ ଅସାମାଜିକ ଯୁବକ ମିଶି ଜୀବନରେ ମାରିଦେବାକୁ ଧମକ ଦେବା ସହିତ ଟ୍ରକ୍ ଗୁଡିକୁ ପରିବହନ ପାଇଁ ଖଣି ମଧ୍ୟକୁ ଛାଡୁନାହାନ୍ତି। ଏନେଇ ଯୋଡା ଥାନା ଅଧିକାରୀ ରାଇସେନ୍ ମୁର୍ମୁ କହିଛନ୍ତି ଯେ, ଏହାର ଉଚିତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ସ୍ୱାଭାବିକ ହେଲା ଆନନ୍ଦପୁର କଲେଜ ପରିସ୍ଥିତି

ଆନନ୍ଦପୁର,୨୭।୧୧(ସ୍ୱ.ପ୍ର.)

ଆନନ୍ଦପୁର କଲେଜରେ ସ୍ୱାଭାବିକ ପରିସ୍ଥିତି ଆରମ୍ଭ ହୋଇଛି। କଲେଜର ମୁଖ୍ୟ ଗେଟ୍ ପାଖରେ ଚେକିଂ ବ୍ୟବସ୍ଥା କଡାକଡି କରାଯାଇଛି। ଚେକିଂ ସମୟରେ ଛାତ୍ରୀଛାତ୍ରଙ୍କ ଆଇଡି କାର୍ଡ ଯାଞ୍ଚ ସହିତ ୟୁନିଫର୍ମ ତଦାରଖ କରାଯାଉଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କଲେଜ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ପଡିଆ ଆରମ୍ଭ ସ୍ଥାନରେ ଏକ ଗେଟ୍ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଲେଜ ପରିସରର ପାଚେରି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

## ଖଣ୍ଡାଧାର ପର୍ଯ୍ୟଟନ କେନ୍ଦ୍ର ପରିଚାଳନା ଗାଁ କମିଟିକୁ ଦେବାକୁ ଦାବି

କେନ୍ଦୁଝର, ୨୭।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଅନ୍ୟତମ ଲୋକାଦୃତ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନ କେନ୍ଦ୍ର ହେଉଛି ଖଣ୍ଡାଧାର ଜଳପ୍ରପାତ। ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତ ମୁଖ୍ୟାଳୟରେ ରହିଛି ଏହି ଜଳପ୍ରପାତ। ଏଠାକୁ ବର୍ଷତମାମ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ତେବେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବନ ବିଭାଗ, ପର୍ଯ୍ୟଟନ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିବାରୁ ସ୍ଥାନୀୟବାସୀ ଅସନ୍ତୋଷ ପ୍ରକାଶ କରି ବୁଧବାର କମିଟି ପକ୍ଷରୁ ଜିଲାପାଳ ଓ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ଭେଟିବା ପାଇଁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କୁ ଭେଟିବା ପାଇଁ ଆସିଥିବା ଗ୍ରାମବାସୀ।

ଖଣ୍ଡାଧାର ଜଳପ୍ରପାତର ରକ୍ଷଣାବେକ୍ଷଣ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ଗ୍ରାମ କମିଟି ଗଠନ କରାଯାଇଛି। ତେବେ ଏହି କେନ୍ଦ୍ରର ରକ୍ଷଣାବେକ୍ଷଣ ସହ ଏହାର ବିକାଶ କରିବା ପାଇଁ ପ୍ରବେଶ ଶୁଳ୍କ ଆଦାୟ ହେଉଛି। ଗତ ବର୍ଷ ଏହି ପ୍ରବେଶ ଶୁଳ୍କ ଆଦାୟ ପାଇଁ ୧.୭୬ ଲକ୍ଷ ଟଙ୍କାରେ ଜଣେ ବ୍ୟକ୍ତିଙ୍କୁ ଠିକାରେ ଦିଆଯାଇଥିଲା। ତେବେ ଏହି କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ଜଗାରଖା କାମ କରିବା ପାଇଁ ସ୍ଥାନୀୟ ଖଣ୍ଡାଧାର ନୀଳକଣ୍ଠେଶ୍ୱର ସ୍ୱେଚ୍ଛାସେବୀ ସୁରକ୍ଷା କମିଟି ଗଠନ କରାଯାଇଛି। ଏହି କମିଟିକୁ ଏହାର ରକ୍ଷଣାବେକ୍ଷଣ କରିବାଲାଗି ଗତ ବର୍ଷେ ଗ୍ରାମସଭା କରାଯାଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। କିନ୍ତୁ କମିଟିକୁ ନ ଦେଇ ଜଣେ ବ୍ୟକ୍ତି ବିଶେଷଙ୍କୁ ଟେଣ୍ଡର ଆଳରେ ପଞ୍ଚାୟତ ପକ୍ଷରୁ ପ୍ରଦାନ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଗ୍ରାମସଭାର ନିଷ୍ପତ୍ତିକୁ କିପରି ଅବମାନନା କରି ପଞ୍ଚାୟତ କମିଟିକୁ ଦାୟିତ୍ୱ ଦେବା ପରିବର୍ତ୍ତେ ପୁଣି ଟେଣ୍ଡର ପାଇଁ ପ୍ରସ୍ତୁତି ହେଉଥିବାରୁ ସ୍ଥାନୀୟବାସୀ ତାହାକୁ ବିରୋଧ କରିଛନ୍ତି। ଅକ୍ଷୟ ଦଣ୍ଡୁଆସି, ରାଉତ ଦେହୁରୀ, କଠୁ ଦଣ୍ଡୁଆସୀ, ଭକ୍ତ ପାତ୍ର, ନାଣ୍ଡୁ ଦେହୁରୀ, ଗଣେଶ୍ୱର ଦଣ୍ଡୁଆସି, ଭଣ୍ଡାଲୁ ଦଣ୍ଡୁଆସି, ଛାଲ ଦଣ୍ଡୁଆସି ସମେତ ଅନ୍ୟମାନେ ଭେଟି କମିଟିକୁ ଦାୟିତ୍ୱ ଦେବାକୁ ଦାବି କରିଛନ୍ତି।

## ଆବାସ ଯୋଜନାରେ ଅନିୟମିତତା
# କାର୍ଯ୍ୟଶେଷ ହେବାର ୨ ମାସ ପରେବି ମିଳୁନି ବିଲ୍

ଚମ୍ପୁଆ, ୨୭।୧୧(ଡି.ଏନ.ଏ)

ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନଂ ୱାର୍ଡ ଭାଲିଆଡିପା ଗ୍ରାମରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ ଶେଷ ହେବାର ୨ ମାସ ପରେ ମଧ ଫାଇନାଲ ବିଲ ହୋଇ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ ସରକାର ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଜିଓ ଟ୍ୟାଗିଙ୍ଗ କରି ପ୍ରଥମ ପର୍ଯ୍ୟାୟରେ ୪୦,୦୦୦, ଦ୍ୱିତୀୟ ପର୍ଯ୍ୟାୟରେ ୬୦ ହଜାର, ଛାତ ପଡିବା ସମୟରେ ୬୦ ହଜାର ଟଙ୍କା ଏବଂ ଗୃହ କାର୍ଯ୍ୟ ଶେଷ ସମୟରେ ୪୦ ହଜାର ଟଙ୍କା ପ୍ରଦାନ କରିବାର ନିୟମ ରହିଛି। ଏଥିସହିତ ଯେଉଁ




ବିଲ ପାଇ ନ ଥିବା ହିତାଧିକାରୀ।

ହିତାଧିକାରୀମାନେ ୧୨୦ ଦିନ ଭିତରେ କାର୍ଯ୍ୟ ଶେଷ କରିବେ ସେମାନଙ୍କ ପାଇଁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୧୮୦ ଦିନରେ କାର୍ଯ୍ୟ ଶେଷ କରିବେ ସେମାନଙ୍କ ନିମନ୍ତେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ରଖାଯାଇଛି। ମାତ୍ର ଭାଲିଆଡିପା ଗ୍ରାମରେ ସିଂବ କୁମାର ବେହେରା, ଗହ୍ଣାମଣୀ ହେବେରା, ଚନ୍ଦ୍ରକାନ୍ତି ନାଏକ, ପାତା ନାଏକ, ନରେଶ ନାଏକ, ସବିତା ନାଏକ, ଲିଙ୍ଗରାଜ ନାଏକ, ମୀନା ନାଏକ, ସୁକେଶୀ ନାଏକ ପ୍ରମୁଖ ହିତାଧିକାରୀମାନେ ଦୁଇ ମାସ ପୂର୍ବରୁ ଆବାସ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ବିଲ ୪୦ ହଜାର ପାଇବାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଏନଏସି କାର୍ଯ୍ୟାଳୟକୁ ଦୌଡିଲେ ମଧ କୌଣସି କାର୍ଯ୍ୟ ହେଉ ନ ଥିବା କହିଛନ୍ତି। ବିଶେଷ ଭାବରେ ଅନେକ ହିତାଧିକାରୀ ଧାର ଉଧାର କରି ଝରକା କବାଟ ଲଗାଇ ଗୃହ କାର୍ଯ୍ୟ ଶେଷ କରି ବସବାସ କରିବା ଆରମ୍ଭ କଲେଣି। ମାତ୍ର ବିଲ୍ ପାଇବାର ବିଳମ୍ବ ତାଙ୍କୁ ହତାଶ କରିଛି। ଏନେଇ ବିଭାଗ ସହ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ପାଇଁ ବିଲ ପ୍ରଦାନରେ ବିଳମ୍ବ ହେଉଛି ବୋଲି ସୂଚନା ମିଳିଛି।